

Odia Daily www.theutkalsamachar.com

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

**ଆବଶ୍ୟକ**

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com



# ବିରୋଧୀଙ୍କ 'ଇଣ୍ଡିଆ ଆଉଟ୍ କ୍ୟାମ୍ପେନ'

## ଶେଖ୍ ହସିନା ସରକାର ନେଲେ ବଡ ନିଷ୍ପତି



ନୂଆଦିଲ୍ଲୀ, ୨୯/୩: ବାଙ୍ଗଲାଦେଶରେ ଜାନୁୟାରୀ ୨୦୨୪ରେ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ ହସୀନାଙ୍କ କ୍ଷମତାଧାରୀ ଦଳ ଆୱାମୀ ଲିଗ୍ ଲଗାତର ୪ର୍ଥ ଥର ପାଇଁ ସରକାର ଗଢିବାରେ ସଫଳ ହୋଇଛି । ଏହାପରଠାରୁ ଦେଶରେ ମୁଖ୍ୟ ବିରୋଧୀ ଦଳ ବିଏନପି ଓ ଏହାର ସହଯୋଗୀ ଘରୋଇ ରାଜନୀତିରେ ଭାରତ ଉପରେ ହସ୍ତକ୍ଷେପର ଅଭିଯୋଗ ଲଗାଇ ଭାରତୀୟ ଦ୍ରବ୍ୟ ପ୍ରତ୍ୟାଖାନ କରିବାକୁ ଅଭିଯାନ ଚଳାଇଛନ୍ତି । ତେବେ ଏହି ଭାରତ ବିରୋଧୀ ଅଭିଯାନ ମଧ୍ୟରେ ଶେଖ ହସୀନା ସରକାର ଭାରତରୁ ୫୦ ହଜାର ଟନ୍ ପିଆଜ ଆମଦାନୀ କରିବାକୁ ନିଷ୍ପତ୍ତି ନେଇଛି । ହସୀନା ସରକାରର ଅର୍ଥନୈତିକ ବିଭାଗ କ୍ୟାବିନେଟ୍ ସମିତି ବୁଧବାର ଏହି ସମ୍ବନ୍ଧରେ ବାଣିଜ୍ୟ ମନ୍ତ୍ରଣାଳୟର ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ହସୀନା ସରକାରଙ୍କ ଏହି ପଦକ୍ଷେପ ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି କି ବାଙ୍ଗଲାଦେଶର ମୁଖ୍ୟ ବିରୋଧୀ ଦଳ ବିଏନପି ଓ ଏହାର ସହଯୋଗୀ ଦଳର ନେତା ଦେଶ ମଧ୍ୟରେ ଭାରତର ପ୍ରଭାବକୁ ଶେଷ କରିବା ପାଇଁ 'ଇଣ୍ଡିଆ ଆଉଟ୍ କ୍ୟାମ୍ପେନ' ପରିଚାଳନା କରୁଛନ୍ତି । ଏହି କ୍ୟାମ୍ପେନ ଜରିଆରେ ସେମାନେ ବାଙ୍ଗଲାଦେଶରେ ଭାରତୀୟ ସାମଗ୍ରୀ ବହିଷ୍କାର କରିବାକୁ ଲୋକଙ୍କୁ ନିବେଦନ କରୁଛନ୍ତି । ବିଏନପି ନେତା ରୁହୁଲ କବୀର ଏହି କ୍ୟାମ୍ପେନ୍ ଜରିଆରେ କାଶ୍ମୀର ସାଲକୁ ଜଳାଇ ଦେଇଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ଶେଖ୍ ହସୀନା ତାଙ୍କୁ କଟାକ୍ଷ କରି କହିଥିଲେ ସେ ଏବେ ଭାରତୀୟ ମସଲା ବିନା ଖାଦ୍ୟ ଖାଇପାରିବେ କି ? ଏହା ସହିତ ହସୀନା କହିଥିଲେ ଯେତେବେଳେ ବିରୋଧୀ ଦଳ ନେତା ନିଜ ପାର୍ଟି ଅଫିସ୍ ଆଗରେ ନିଜ ପତ୍ନୀଙ୍କ ଶାଢୀ ଜଳାଇବେ ସେତେବେଳେ ଏହା ପ୍ରମାଣିତ ହେବ ଯେ ଭାରତୀୟ ଉତ୍ପାଦକୁ ବହିଷ୍କାର କରିବା ପାଇଁ ସେ ପୁରା ପ୍ରତିବଦ୍ଧ । ଅନ୍ୟପକ୍ଷରେ ଭାରତ ପିଆଜ ରପ୍ତାନୀ ଉପରେ ପ୍ରତିବନ୍ଧ ଲଗାଇଛି । କିନ୍ତୁ ବାଙ୍ଗଲାଦେଶ ଓ ୟୁଏଇ ଲାଗି ଏହି ପ୍ରତିବନ୍ଧକୁ ଲାଗୁ କରିବ ନାହିଁ ବୋଲି ନିଷ୍ପତ୍ତି ନେଇଛି । ଫଳରେ ରମଜାନ ଓ ଇଦ୍ ପୂର୍ବରୁ ପିଆଜ ରପ୍ତାନୀକୁ ଅନୁମତି ଦିଆଯାଇଛି ।

## ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ପ୍ରବଳ ଭିଡ

ପୁରୀ, ୨୯/୩ (ନି/ପ୍ର): ଶୁକ୍ରବାର ପୁରୀ ଶ୍ରୀମନ୍ଦିରର ପଶ୍ଚିମଦ୍ୱାର ପଟେ ପ୍ରବଳ ଗହଳି ଦେଖିବାକୁ ମିଳିଛି । ପ୍ରଚଣ୍ଡ ତାତିରେ ଲମ୍ବା ଲାଇନରେ ଛିଡା ହୋଇ ହନ୍ତସନ୍ତ ହେଉଛନ୍ତି ଭକ୍ତ । ପ୍ରବଳ ତାତି ଓ ଗୁଳୁଗୁଳି ଯୋଗୁଁ ବଡଦାଣ୍ଡରେ ଚାଲି ଚାଲି ଯିବା ଶ୍ରଦ୍ଧାଳୁଙ୍କ ପାଇଁ କଷ୍ଟକର ହୋଇଥିବାରୁ ସେମାନେ ପଶ୍ଚିମଦ୍ୱାର ପଟେ ଭିଡ ଲଗାଇଥିଲେ । ଏହାପରେ ସେଠାରେ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡା ହେବାକୁ ପଡିଛି । ମନ୍ଦିର ଭିତରକୁ ଶୀଘ୍ର ପଶିବା ପାଇଁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଛି । ପୁଲିସ କର୍ମୀ ଏହାକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରୁଛନ୍ତି ।

# ନିଆଁରେ ଜଳିବ ସାରା ଓଡ଼ିଶା !

## ୪୦ ଡିଗ୍ରୀ ଛୁଇଁବ ଦିନର ତାପମାତ୍ରା, ସାରା ରାଜ୍ୟରେ ଉପରମୁହାଁ



ଭୁବନେଶ୍ୱର, ୨୯/୩ (ନି/ପ୍ର): ସାରା ରାଜ୍ୟରେ ଏବେ ତାପମାତ୍ରା ପୁଣିଥରେ ଉପରମୁହାଁ ହୋଇଛି । ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଆହୁରି ଭୟଙ୍କର ରୂପ ନେଇଛି । ବର୍ତ୍ତମାନ ସୁଦ୍ଧା ୫ଟି ସହରରେ ତାପମାତ୍ରା ୩୯ ଡିଗ୍ରୀରେ ପହଂଚି ସାରିଲାଣି । ତେଣୁ ଆଗାମୀ ଦିନମାନଙ୍କ ପାଇଁ ବିଭିନ୍ନ ଜିଲ୍ଲାକୁ ସତର୍କ କରାଇ ଦିଆଯାଇଛି । ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିପାରେ ବୋଲି ଆଶଙ୍କା କରାଯାଉଛି । ବିଭିନ୍ନ ସହରରେ ତାପମାତ୍ରା ୪୦ ଡିଗ୍ରୀ ପାଖାପାଖି ପହଂଚି ସାରିଛି । ଅସହ୍ୟ ତାତି ଏବଂ ଖରାରେ ଛଟପଟ ହେଉଛନ୍ତି ଲୋକେ । ବର୍ତ୍ତମାନ ସୁଦ୍ଧା ପାରଳାଖେମୁଣ୍ଡି ରାଜ୍ୟର ସବୁଠାରୁ ଉତପ୍ତ ସହର ପାଲଟିଛି । ଏଠାରେ ଦିନର ତାପମାତ୍ରା ୩୯.୮ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ବୌଦ୍ଧରେ ୩୯.୫ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ଟିଟିଲାଗଡ଼ରେ ୩୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଏହାବ୍ୟତୀତ ନୟାଗଡ଼ରେ ୩୯.୨, ଭବାନୀପାଟଣାରେ ୩୯ ଡିଗ୍ରୀ ତାପମାତ୍ରା ରହିଛି । ତେବେ ଫୁଲବାଣୀର ତାପମାତ୍ରା ୩୮.୯ ଡିଗ୍ରୀ ରେକର୍ଡ ହୋଇଛି । ତାଳଚେର ଏବଂ ରାୟଗଡ଼ାର ତାପମାତ୍ରା ୩୮.୬ ଡିଗ୍ରୀ ରହିଥିବା ବେଳେ କଟକ ୩୮.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରିଛି । ଝାରସୁଗୁଡ଼ାରେ ୩୮.୩ ଡିଗ୍ରୀ, ମାଲକାନାଗିରି ଏବଂ ଚାନ୍ଦବାଲିରେ ୩୮.୨ ଏବଂ ଅନୁଗୁଳରେ ଏହି ତାପମାତ୍ରା ୩୮.୧ ଡିଗ୍ରୀରେ ପହଁଚି ସାରିଛି । ତେଣୁ ଆଗାମୀ ଦିନରେ ହଡଟଓ୍ୱେଭ ପାଇଁ ସତର୍କ ରହିବାକୁ କୁହାଯାଇଛି ।

# ସମଲେଶ୍ୱରୀଙ୍କ ଦର୍ଶନ କଲେ ପ୍ରଣବ

## କହିଲେ ବିଜେଡିର ବଡ ବିଜୟ ହେବ



ସମ୍ବଲପୁର, ୨୯/୩ (ନି/ପ୍ର): ସମ୍ବଲପୁରରେ ବିଜେଡି ସାଂଗଠନିକ ସମ୍ପାଦକ ତଥା ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ । ଶୁକ୍ରବାର ପ୍ରଣବ ସମ୍ବଲପୁରରେ ପହଂଚିବା ପରେ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ । ସମ୍ବଲପୁର ଲୋକସଭା ଆସନରୁ ବିଜେଡି ସୁପ୍ରିମୋ ପ୍ରଣବ ପ୍ରକାଶ ଦାସଙ୍କ ନାମ ଘୋଷଣା କରିବା ପରେ ଆଜି ପ୍ରଥମ କରି ଜିଲ୍ଲା ଗସ୍ତ କରିଥିବାରୁ ତାଙ୍କୁ ବିପୁଳ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ପ୍ରଣବ କହିଥିଲେ ସମ୍ବଲପୁର ମୋ ଘର, ଏଠାକୁ ଆସି ଭାବବିହ୍ୱଳ ହୋଇଛି । ସମ୍ବଲପୁର ବାସୀ ମୋତେ ବହୁତ ଭଲପାଇବା ଦେଇଛନ୍ତି ଏବଂ ବିଜେଡିର ବଡ ବିଜୟ ହେବ । ସମ୍ବଲପୁର ମାଟିକୁ ବିକଶିତ କରିବା ପାଇଁ ମୋ କାନ୍ଧରେ ଭାର ଦେଇଛନ୍ତି । ସମ୍ବଲପୁର ମୋ ପାଇଁ ନୂଆ ନୁହେଁ, ମୋ ବାପା ଏଠାରେ ୬୦ବର୍ଷ କାମ କରିଥିଲେ । ବାପାଙ୍କ କର୍ମଭୂମି ଥିବାରୁ ମୁଁ ମୋ ଘରକୁ ଫେରିଛି ବୋଲି କହିଛନ୍ତି ପ୍ରଣବ ।

# ସିରିଆର ଉପରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍

## ୩୮ ମୃତ



ବେରୁଟ୍, ୨୯/୩: ଇସ୍ରାଏଲ ସେନା ସିରିଆରେ ଭୟଙ୍କର ଏୟାର ଷ୍ଟ୍ରାଇକ୍ କରିଛି । ଶୁକ୍ରବାର ସକାଳେ ଉତ୍ତର ସିରିଆର ଆଲେପ୍ପୋ ସହର ନିକଟରେ ହୋଇଥିବା ଇସ୍ରାଏଲର ଏହି ଏୟାର ଷ୍ଟ୍ରାଇକ୍ ରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆହୁରି ଅନେକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୫ ହିଜବୁଲ୍ଲା ଆତଙ୍କବାଦୀ ଅଛନ୍ତି । ଏଥିସହିତ ଅନେକ କ୍ଷୟକ୍ଷତି ହୋଇଛି । ଆଲେପ୍ପୋ ଓ ଏହାର ଉପାନ୍ତ ଅଚଂଳରେ ଥିବା ବେସାମରିକ ଟାର୍ଗେଟ ଉପରେ ଇସ୍ରାଏଲର ଆକ୍ରମଣ ଏବଂ ସିରିଆ ବିଦ୍ରୋହୀ ଗୋଷ୍ଠୀଙ୍କ ଡ୍ରୋନ୍ ଆକ୍ରମଣ ହୋଇଛି ବୋଲି ସିରିଆର ସରକାରୀ ଗଣମାଧ୍ୟମ ଜଣେ ଅଜ୍ଞାତ ସାମରିକ ଅଧିକାରୀଙ୍କ ବୟାନକୁ ଭିନ୍ନି କରି କହିଛି । ସିରିଆନ୍ ଅବଜର୍ଭେଟରୀ ଫର୍ ହ୍ୟୁମାନ ରାଇଟ୍ସ କହିଛି ଯେ ଆଲେପ୍ପୋର ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏହି ଏୟାରଷ୍ଟ୍ରାଇକ୍ କରାଯାଇଥିଲା । ଆଲେପ୍ପୋର ଦକ୍ଷିଣ ଉପନଗର ଜିବରିନରେ ଥିବା ଲେବନାନ ଆତଙ୍କବାଦୀ ହିଜବୁଲ୍ଲା ଗୋଷ୍ଠୀର ଏକ କ୍ଷେପଣାସ୍ତ୍ର ଡିପୋକୁ ଟାର୍ଗେଟ୍ କରି ଇସ୍ରାଏଲ ଏହି ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ଏକ ଡଜନରୁ ଅଧିକ ସୈନିକ ପ୍ରାଣ ହରାଇଛନ୍ତି କିମ୍ବା ଆହତ ହୋଇଛନ୍ତି । ଆକ୍ରମଣର ଦୁଇ ଘଣ୍ଟା ପରେ ବି ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳୁଛି ବୋଲି ଅବଜର୍ଭେଟୋରି କହିଛି । ତେବେ ଏହି ଆକ୍ରମଣ ସମ୍ପର୍କରେ ଇସ୍ରାଏଲ ଅଧିକାରୀଙ୍କ ପକ୍ଷରୁ କୌଣସି ବୟାନ ଦିଆଯାଇନାହିଁ ।

## ବିଜେଡିରେ ମିଶିଲେ ସୁରେନ୍ଦ୍ର ସିଂ ଭୋଇ



ଭୁବନେଶ୍ୱର: ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିରେ ସାମିଲ ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ସୁରେନ୍ଦ୍ର ସିଂ ଭୋଇ । ଟୁକୁନି ସାହୁ, ସସ୍ମିତ ପାତ୍ର, ଅଧିରାଜ ପାଣିଗ୍ରାହୀଙ୍କ ଉପସ୍ଥିତିରେ ସୁରେନ୍ଦ୍ର ନିଜ ହଜାର ହଜାର ସମର୍ଥକଙ୍କ ସହ ବିଜେଡି ଦଳରେ ସାମିଲ ହୋଇଛନ୍ତି । ୩୮ ବର୍ଷ ଧରି କଂଗ୍ରେସରେ ଥିବା ସୁରେନ୍ଦ୍ର ଗତକାଲି ଇସ୍ତଫା ଦେଇଥିଲେ । ବଲାଙ୍ଗୀର ଜିଲ୍ଲା ସଭାପତି ପଦ ସହ ଏଆଇସିସିର ସମସ୍ତ ପଦପଦବୀରୁ ଇସ୍ତଫା ଦେଇଥିଲେ । ବ୍ୟକ୍ତିଗତ କାରଣ ଦର୍ଶାଇ କଂଗ୍ରେସରୁ ଇସ୍ତଫା ଦେଇଥିଲେ ସୁରେନ୍ଦ୍ର । ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଟୁକୁନି ସାହୁଙ୍କ ଠାରୁ ପରାଜିତ ହୋଇଥିଲେ ସୁରେନ୍ଦ୍ର ।

**ଆବଶ୍ୟକ**

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ 'ଉତ୍କଳ ସମାଚାର' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com

# କଂଗ୍ରେସକୁ ୧୭୦୦କୋଟି ଟଙ୍କାର ରିକଭରି ନୋଟିସ ପଠାଇଲା ଆୟକର ବିଭାଗ



ନୂଆଦିଲ୍ଲୀ: କଂଗ୍ରେସକୁ ଲାଗୁଛି ଝଟକା ଉପରେ ଝଟକା । ଟିକସ ପୁନଃମୂଲ୍ୟାଙ୍କନ ପାଇଁ ଆୟକର ବିଭାଗ ପଠାଇଥିବା ନୋଟିସ ବିରୋଧରେ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା ଦଳ । ହେଲେ ଆବେଦନକୁ ଖାରଜ କରିଥିଲେ ହାଇକୋର୍ଟ । ଏହାର କିଛି ଘଣ୍ଟା ପରେ ଆୟକର ବିଭାଗ ଦଳକୁ ୧୭୦୦କୋଟି ଟଙ୍କାର ନୋଟିସ ପ୍ରଦାନ କରିଛି । କଂଗ୍ରେସ ନେତା ବିବେକ ତନଖା ଏହି ସୂଚନା ଦେଇଛନ୍ତି । ସୂଚନାନୁସାରେ, ୨୦୧୭-୧୮ରୁ ୨୦୨୦-୨୧ ଆୟକର ମୂଲ୍ୟାଙ୍କନ ବର୍ଷ ପାଇଁ ଏହି ନୋଟିସ୍ କଂଗ୍ରେସକୁ ପଠାଯାଇଛି । ଏଥିରେ ଉଭୟ ଜରିମାନା ଏବଂ ସୁଧ ଅନ୍ତର୍ଭୁକ୍ତ । ଏହା ପୂର୍ବରୁ ଆୟକର ବିଭାଗ ୨୦୦କୋଟି ଟଙ୍କା ଜୋରିମାନା ଲଗାଇବା ସହ ପାଣ୍ଠି ଫ୍ରିଜ୍ କରିଥିଲା । ଏହି କାରଣରୁ କଂଗ୍ରେସ ଅର୍ଥ ଅଭାବର ସମ୍ମୁଖୀନ ହୋଇଥିଲା । ଏହି ପ୍ରସଙ୍ଗରେ କଂଗ୍ରେସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବି କୌଣସି ସୁଫଳ ମିଳି ନଥିଲା । ୨୦୦କୋଟି ପରେ ଏବେ ଦଳକୁ ୧୭୦୦କୋଟିର ନୋଟିସ ପଠାଇଛି ଆୟକର ବିଭାଗ । ବର୍ତ୍ତମାନ ଦଳ ପାଖରେ ସୁପ୍ରିମକୋର୍ଟ ଯିବାର ବିକଳ୍ପ ରହିଛି । ଆୟକର ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ବିଜେପିକୁ ଟାର୍ଗେଟ କରିଛି କଂଗ୍ରେସ । ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଦେବାଳିଆ କରିବା ପାଇଁ ବିଜେପି ଆୟକର ଅଧିକାରୀଙ୍କୁ ବ୍ୟବହାର କରୁଛି

# ପଦ୍ମ ଛାଡ଼ିଲେ ପ୍ରକାଶ ବେହେରା



କଟକ, ୨୯/୩ (ନି/ପ୍ର): ନିର୍ବାଚନ ପୂର୍ବରୁ ବର୍ତ୍ତମାନ ରାଜନୀତିରେ ନେତାଙ୍କ ଦଳ ପରିବର୍ତ୍ତନ ଜାରି ରହିଛି । ଏହି ତାଲିକାରେ ଏବେ ସାମିଲ ହୋଇଛନ୍ତି ବିଜେପି ନେତା ପ୍ରକାଶ ବେହେରା । ଭାରତୀୟ ଜନତା ପାର୍ଟିରେ କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ପାର୍ଟିରୁ ବିଦାୟ ନେଇଛନ୍ତି । ସାଲେପୁରର ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି । ତେବେ ଇସ୍ତଫା ପରେ ସେ କେଉଁ ଦଳରେ ସାମିଲ ହେବେ, ସେ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ ।

# କୋଷ୍ଠକାଠିନ୍ୟର ଆୟୁର୍ବେଦ ଉପଚାର



# ମସ୍ତିଷ୍କ ପକ୍ଷାଘାତ







# ମୁଣ୍ଡବିନ୍ଧା ସାଜିପାରେ ଷ୍ଟ୍ରୋକ୍‌ର କାରଣ





# କେତେ ଭଲ ରକ୍ତସ୍ରାବରୋଧ ଔଷଧ

# ସ୍କିନ୍ ପିଲିଙ୍ଗ

ସୁସ୍ଥ ମନ ଓ ସୁସ୍ଥ ଶରୀର



# ପରିସ୍ରା ଦୁର୍ଗନ୍ଧର କାରଣ...





ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶନିବାର ୩୦ ମାର୍ଚ୍ଚ ୨୦୨୪**

# ହିସାବନିକାଶ

ନିଜ ଅର୍ଥକୁ ସଚହୟ କରିବା ଓ ସଚିଂତ ଅର୍ଥକୁ ଆଣି ଆବଶ୍ୟକ ମୁତାବକ ଖର୍ଚ୍ଚ କରିବା ପାଇଁ ବ୍ୟାଙ୍କରେ ଆକାଉଂଟ ଖୋଲାଯାଏ । ଆକାଉଂଟଧାରୀଙ୍କୁ ବ୍ୟାଙ୍କ୍ ତରଫରୁ ଏକ ଜମା ଖର୍ଚ୍ଚ (ଡେବିଟ୍ କ୍ରେଡିଟ୍)ଖାତା ବା ପାସବୁକ୍ ଦିଆଯାଏ । ଠିକ୍ ସେହିପରି ଆଧାତ୍ମିକ ଜଗତରେ ମଧ କର୍ମଫଳର ହିସାବ ପାଇଁ ଏକମାତ୍ର ବ୍ୟାଙ୍କ୍ ଅଛି, ଯେଉଁଥିରୁ ଜଣେ ବ୍ୟକ୍ତି ଏକାଧିକ ପାସବୁକ୍ ପାଇ ଥାଆନ୍ତି । ଅର୍ଥାତ୍ ପ୍ରାଣୀ ତା'ର ପୂର୍ବ ଜନ୍ମର କର୍ମଫଳ (ପ୍ରାରବ୍ଧ) ଅନୁସାରେ ଏହି ଜୀବନ କାଳ ଭିତରେ ଯେତେ ଜଣ (ମନୁଷ୍ୟ, ପଶୁପକ୍ଷୀ, କୀଟପତଙ୍ଗ ଓ ଉଦ୍ଭିଦ ଆଦି)ଙ୍କୁ ଭେଟିବାର ଥାଏ, ସେତିକି ସଂଖ୍ୟାରେ କର୍ମଫଳର ପାସବୁକ୍ ସାଥୀରେ ଆଣିଥାଏ । ସମସ୍ତେ 'ଋଣାନୁବନ୍ଧ' ଅର୍ଥାତ୍ କାହାର ଋଣ ପରିଶୋଧ କିମ୍ବା କାହାଠାରୁ ଋଣ ଆଦାୟ ପାଇଁ ଆସି ଥାଆନ୍ତି । ଏହି ବ୍ୟାଙ୍କ୍‌ର ଗୋଟିଏ ସ୍ୱତନ୍ତ୍ରତା ହେଉଛି, ଏହାର ଆକାଉଂଟଧାରୀମାନଙ୍କ କର୍ମଫଳର ଦେଣନେଣ (ଟ୍ରାଞ୍ଜାକସନ୍) ବ୍ୟାଙ୍କ୍ ସହିତ ହୁଏନାହିଁ, ପରସ୍ପର (ଆକାଉଂଟଧାରୀମାନଙ୍କ) ମଧ୍ୟରେ ହୁଏ । ବ୍ୟାଙ୍କ୍ କେବଳ ଏହାକୁ ପରିଚାଳନା କରେ ଏବଂ ସ୍ୱୟଂ ପରମାତ୍ମା ଏହାର ପରିଚାଳକ ବା ନିର୍ଦ୍ଦେଶକ ଅଟନ୍ତି, ଯିଏକି ଆକାଉଂଟଧାରୀମାନଙ୍କର କୌଣସି ଲାଭ କ୍ଷତିରେ ସମ୍ପୃକ୍ତ କିମ୍ବା ଦାୟୀ ନୁହନ୍ତି । ନିଜ ଜୀବନ କାଳ ଭିତରେ କେହି କାହାର ଋଣ ଶୁଝିଦେଲେ ପରସ୍ପର ମଧ୍ୟରେ ଥିବା ପାସବୁକ୍‌ଟି ଚୁକ୍ତ (କ୍ଲୋଜ୍) ହୋଇଯାଏ । ମନୁଷ୍ୟ, ସମଗ୍ର ପ୍ରାଣୀ ଜଗତ, ଏପରିକି ଉଦ୍ଭିଦ ଜଗତ ମଧ୍ୟ ଏଥିରେ ସାମିଲ୍ ଥାଆନ୍ତି । ସେଥିପାଇଁ ଲୋକକଥାରେ କୁହାଯାଏ, 'ତୁମେ ମୋର ଯେଉଁ ଉପକାର କରିଛ, ମୁଁ ଆର ଜନ୍ମରେ ତୁମ ବାଡ଼ିରେ ଲଙ୍କାଗଛ ହୋଇ ଶୁଝିଦେବି ।' ଏଥିରୁ ପ୍ରମାଣିତ, ଗୋଟିଏ ବୃକ୍ଷ ମଧ୍ୟ 'ଋଣାନୁବନ୍ଧ' ଯୋଗୁଁ ଜଣକୁ ଧନୀ କିମ୍ବା ଦରିଦ୍ର କରିଦେଇ ପାରେ । ଏଥିପାଇଁ ପ୍ରତ୍ୟେକ ଜୀବର ମୁଖ୍ୟ କର୍ତ୍ତବ୍ୟ ହେଲା, ନିଜ ମୃତ୍ୟୁ ପୂର୍ବରୁ ସାଙ୍ଗରେ ଆଣିଥିବା ଯେତେ ସଂଖ୍ୟକ ପାସବୁକ୍ ଚୁକ୍ତ କରି ପାରିବ, ସେତେ ମଙ୍ଗଳ । କାରଣ ଏହାଦ୍ୱାରା ସେ (ଜୀବାତ୍ମା) ସେତେ ହାଲୁକା ହୋଇ ଉର୍ଦ୍ଧ୍ୱଗାମୀ ହେବ, ନଚେତ୍ ଏହାର ବିପରୀତ ହେଲେ ନିମ୍ନଗାମୀ ହେବ । ପ୍ରାରବ୍ଧ (ପୂର୍ବ ଜନ୍ମର କର୍ମଫଳ) ଯୋଗୁଁ ପୂର୍ବରୁ ସାଙ୍ଗରେ ଆଣିଥିବା ପାସବୁକ୍ ବ୍ୟତୀତ କ୍ରିୟମାଣ (ଏ ଜନ୍ମର କର୍ମଫଳ) ଯୋଗୁଁ ମଧ୍ୟ ନୂଆ ପାସବୁକ୍ ଖୋଲାଯାଏ । ଏଣୁ ପୁରୁଣା ପାସବୁକ୍ ଚୁକ୍ତ ହେବ ଓ ଆଉ ନୂଆ ପାସବୁକ୍ ଖୋଲାଯିବ ନାହିଁ, ଏହା ହିଁ ସମସ୍ତ ଜୀବଙ୍କର ଲକ୍ଷ୍ୟ ରହିବା ଉଚିତ୍ । ସରଳ ଭାବରେ କହିଲେ, ଯଦି କୌଣସି ବ୍ୟକ୍ତି ବିନା କାରଣରେ ମୋତେ ଚାପୁଡ଼ାଟିଏ ଲଗାନ୍ତି, ତେବେ ବୁଝିବାକୁ ହେବ ମୁଁ କୌଣସି ପୂର୍ବ ଜନ୍ମରେ 'ଚାପୁଡ଼ାଟିଏ'ର ଧାରୁଆ ଥିଲି । ଏହି ଘଟଣାରେ ମୁଁ ଯଦି ଦୁଃଖିତ, କ୍ରୋଧିତ ବା ଉତ୍ତେଜିତ ହୋଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିବି, ତେବେ ପୂର୍ବର ପାସବୁକ୍ ଚୁକ୍ତ ହୋଇଯିବ ସିନା, କିନ୍ତୁ ଆଉ ଗୋଟିଏ ନୂଆ ପାସବୁକ୍ ଖୋଲିଯିବ । ଆଉ ଯଦି ମୁଁ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ମୋତେ ପୂର୍ବ ଜନ୍ମର କର୍ମଫଳ ଭୋଗରୁ ମୁକ୍ତ କରି ଥିବାରୁ ସେହି ବ୍ୟକ୍ତି ତଥା ଭଗବାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଏ, ତେବେ ପୂର୍ବ ପାସବୁକ୍ ଚୁକ୍ତ ହେବା ସହ ଆଉ ନୂଆ ଖୋଲିବ ନାହିଁ । କୌଣସି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସମ୍ପୃକ୍ତ ପଦସ୍ଥ ଅଧିକାରୀଙ୍କଠାରୁ ମୁଁ ଯଦି ଦୁର୍ବ୍ୟବହାର ଓ ଅସହଯୋଗ ପାଏ, ତେବେ ବୁଝିବାକୁ ହେବ, ତା'ର କାରଣ ମଧ୍ୟ ତାଙ୍କ ସହିତ ଥିବା ମୋ ପୂର୍ବ କର୍ମଫଳର ପାସବୁକ୍ । ପୂର୍ବରୁ ମୁଁ ତାଙ୍କୁ ଯେପରି ବ୍ୟବହାର କରିଥିଲି, ସେପରି ପାଇଲି । ତେଣୁ ଉଭୟ ପରିସ୍ଥିତିରେ ଅବିଚଳିତ ଭାବେ ତାଙ୍କୁ ତଥା ଭଗବାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇ ଆଉ ନୂଆ ପାସବୁକ୍ ନ ଖୋଲି ସେହି ପୁରୁଣାକୁ ଚୁକ୍ତ କରିବା ଆବଶ୍ୟକ । ଆମେ ପୂର୍ବରୁ ଯେପରି ମଞ୍ଜି ବୁଣିଥିଲେ, ସେପରି ବୃକ୍ଷର ଫଳ ଖାଉଛେ, ତେଣୁ ଆଉ ମଞ୍ଜି (ଭଲ ହେଉ କି ମନ୍ଦ) ବୁଣିବା ନାହିଁ କି ଫଳ ଖାଇବା ନାହିଁ । ସଂସାରର ସମସ୍ତ ପ୍ରାଣୀଙ୍କର ଅନ୍ତିମ ମୁହୂର୍ତ୍ତରେ ଏହି କର୍ମଫଳଗୁଡ଼ିକର ହିସାବ ନିକାଶ ଚରମ ଲକ୍ଷ୍ୟ ରହିବା ଉଚିତ୍ । କଥିତ ଅଛି, ପ୍ରାଣୀର ମୃତ୍ୟୁ ପରେ ହୃଦୟ ୧୦ ମିନିଟ୍, ମସ୍ତିଷ୍କ ୨୦ ମିନିଟ୍, ଚକ୍ଷୁ ୪ ଘଟାଂ, ଚର୍ମ ୫ ଦିନ ଓ ଅସ୍ଥି ୩୦ ଦିନ ସତେଜ ରହେ, କିନ୍ତୁ କର୍ମ ଚିରଦିନ ପାଇଁ ସତେଜ ରହେ । ଫୁଲ ଫୁଟିଲା ପରେ ବାସେ, କିନ୍ତୁ ମଣିଷ ମଲା ପରେ ବାସେ । ପୂର୍ବ (ପ୍ରାରବ୍ଧ) ପାସବୁକ୍‌ର ହିସାବକୁ ଏଇ ଜନ୍ମର କର୍ମ (କ୍ରିୟମାଣ) ଦ୍ୱାରା ଭରଣା କରାଯାଏ । 'ପ୍ରାରବ୍ଧ ଓ କ୍ରିୟମାଣ ରୂପୀ ଦୁଇ ମେଣ୍ଢା ପରସ୍ପର ମଧ୍ୟରେ ଲଢ଼ନ୍ତି । ଦୁହିଙ୍କ ଭିତରୁ ଯିଏ ଅଧିକ ବଳବାନ୍, ତାହାରି ହିଁ ବିଜୟ ହୁଏ' (ବଶିଷ୍ଠ) ।' 'ହେବା ବା ଘଟିବା' ପ୍ରାରବ୍ଧ ଓ 'କରିବା' କ୍ରିୟମାଣ ଅଟେ । ପରିଷ୍କାର ରାସ୍ତାରେ ଅତି ସାବଧାନରେ ଚାଲୁଥିଲେ ମଧ୍ୟ ଗୋଡ଼ରେ କଟାଂ ଫୁଟିଯାଏ (ପ୍ରାରବ୍ଧ) । ତାକୁ ଆଉ ଗୋଟିଏ କଟାଂ ବା ଛୁଚିଂଦ୍ୱାରା କାଢ଼ି ଦିଆଯାଏ (କ୍ରିୟମାଣ) । ଏହାପରେ ଦୁଇ କଟାଂକୁ ଫିଙ୍ଗି ଦିଆଯାଏ (କର୍ମତ୍ୟାଗ) । ଯାହା ହେଉଛି ଠିକ୍ ହେଉଛି, ଭୁଲ୍ ଫଳ ମିଳିବା ଆଦୌ ସମ୍ଭବ ନୁହେଁ । ଏଣୁ କରିବା (କ୍ରିୟମାଣ)ରେ ସାବଧାନ ଓ ହେବା (ପ୍ରାରବ୍ଧ)ରେ ପ୍ରସନ୍ନ ରହିବା ଉଚିତ୍ । ଶିକ୍ଷକ ପାଠ ପଢ଼ାନ୍ତି, ଯେତେ ଥର ନ ଆସିଲେ ବି ବୁଝାଇ ଦିଅନ୍ତି । କିନ୍ତୁ ପରୀକ୍ଷା ବେଳେ ଭୁଲ୍ ଲେଖୁଥିଲେ ମଧ୍ୟ ବତାଇ ଦିଅନ୍ତି ନାହିଁ ଏବଂ ପରୀକ୍ଷକ ହୋଇ ନିରପେକ୍ଷ ଭାବେ ଫଳ (ନମ୍ବର) ଦିଅନ୍ତି । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଆମେ କରିବା (କର୍ତ୍ତବ୍ୟ ପାଳନ)ରେ ସ୍ୱାଧୀନ ଓ ହେବାରେ (ଫଳ ପାଇବାରେ) ପରାଧୀନ । ମନୁଷ୍ୟ ଯଦି ପାପ ପୁଣ୍ୟର ଆଶା ନରଖି ଶାସ୍ତ୍ର ବିହିତ କର୍ମ (କର୍ତ୍ତବ୍ୟ) କରି ତା'ର ଶ୍ରେୟ ଭଗବାନଙ୍କୁ ଅର୍ପଣ କରେ, ତାହା 'ନିଷ୍କାମ କର୍ମ' ହୋଇଯାଏ । ଯେତେବେଳେ ଶରୀର, ମନ, ଇନ୍ଦ୍ରିୟ, ବୁଦ୍ଧି ଇତ୍ୟାଦିଙ୍କୁ 'ମୋର' ଅଥବା 'ମୋ ପାଇଁ' ନମାନି କେବଳ ସଂସାରର ଓ ସଂସାର ପାଇଁ ମନେକରି, ସଂସାରର ହିତ ସାଧନ ନିମନ୍ତେ ତତ୍ପରତାର ସହିତ କର୍ତ୍ତବ୍ୟ କର୍ମ କରିବ ଓ ଏହାକୁ ଭଗବାନଙ୍କ ସେବା ବୋଲି ଭାବିବ, ସେତେବେଳେ ଯାଇ ସେ ଅନାସକ୍ତ ହୋଇ ପାରିବ । ଏହାଦ୍ୱାରା ମନର ସମସ୍ତ 'ମଳିନତା' ଦୂର ହୋଇଯିବ । ସରଳ ଭାବରେ କହିଲେ, ଜଣେ ଭୋକିଲା ଲୋକକୁ ଖାଇବାକୁ ଦେଲା ବେଳେ 'ମସ୍ତିଷ୍କ'କୁ ପଚାରି ଦେଲେ ତାହା 'ପୁଣ୍ୟକର୍ମ' ହୁଏ, କାରଣ ମସ୍ତିଷ୍କ ସର୍ବଦା ପାପ ପୁଣ୍ୟ ବା ଲାଭ କ୍ଷତିର ହିସାବ ରଖେ । କିନ୍ତୁ 'ହୃଦୟ'କୁ ପଚାରି ଦେଲେ, ତାହା 'ନିଷ୍କାମ କର୍ମ' ହୁଏ, କାରଣ ହୃଦୟ ଲାଭ କ୍ଷତି ବା ପାପ ପୁଣ୍ୟର ହିସାବ ରଖେନାହିଁ । ତାହା ତ ସଦା ଦୟା, କରୁଣା ଓ ଦରଦୀପଣରେ ଭରି

# ବହୁବଚନ : ଓଡ଼ିଆ ଜାତୀୟତାର ଜାତକ



ଉତ୍କଳ ସମ୍ମିଳନୀ ଓଡ଼ିଆ ଜାତୀୟତାର ପହିଲି ପୁଲକ ଏବଂ ଏହାର ଆଦ୍ୟ ଅଧିବେଶନ ଓଡ଼ିଆ ଜାତୀୟ ଜୀବନର ଆଦ୍ୟ ସମାବେଶ । ଗୋଟିଏ ଜାତିର ଅସ୍ତିତ୍ୱ ବିନା ତା'ର ଅସ୍ମିତା କ'ଣ ପ୍ରମୂର୍ତ୍ତ ହୋଇପାରେ ବ୍ରିଟିଶ ଶାସନ କାଳରେ ତିନିଟି ମହାପ୍ରଦେଶର ଉପାଙ୍ଗ ହୋଇ ରହିଥିବାରୁ ଓଡ଼ିଶା ଥିଲା ଏକ ଅଜ୍ଞାତ ଅଚଂଳ । ଅଶିକ୍ଷା, ବୁଭୁକ୍ଷା ଓ ବିପର୍ଯ୍ୟୟ ଥିଲା ଏହି ଭୂଖଣ୍ଡର ଭୂଷଣ । ଓଡ଼ିଶା ପ୍ରତି ଶାସକୀୟ ଅବହେଳା ଏବଂ ଓଡ଼ିଶାବାସୀଙ୍କ ଅଧିକାର ପ୍ରତି ଉପେକ୍ଷାର ପ୍ରତିକାର ପାଇଁ ଜାତିପ୍ରାଣ ମଧୁସୂଦନଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ଉତ୍କଳ ସମ୍ମିଳନୀ । ଦୁଇଟି ବିପର୍ଯ୍ୟୟର ଜରାୟୁରୁ ଓଡ଼ିଆ ନବଜାଗରଣ ଜନ୍ମଲାଭ କରିଥିଲା । ଗୋଟିଏ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ତ ଅନ୍ୟଟି ୧୮୬୮ ମସିହାର ଭାଷାବିଲୋପ ଚକ୍ରାନ୍ତ । ତେବେ ଓଡ଼ିଆ ଜାତିର ସେନାପତି ଫକୀରମୋହନ ଏବଂ ଉତ୍କଳ ଦୀପିକାର ସମ୍ପାଦକ କର୍ମବୀର ଗୌରୀଶଙ୍କର ଭାଷା-ସୁରକ୍ଷା ମାଧ୍ୟମରେ ଓଡ଼ିଆ ଜାତୀୟତାକୁ ଜୀବନ୍ୟାସ ଦେଇଥିଲେ । ମଧୁସୂଦନ କଲିକତାରୁ କଟକ ଫେରିଲା ପରେ ଅସ୍ପଷ୍ଟ ଓଡ଼ିଆ ଜାତୀୟତାକୁ ପ୍ରାଞ୍ଜଳ କରିବାକୁ ପ୍ରୟାସ କରିଥିଲେ । ଓଡ଼ିଆ ଭାଷାଭାଷୀ ଅଚଂଳକୁ ଏକ ଶାସନାଧୀନ କରିବା ପାଇଁ ବିକ୍ଷିପ୍ତ ସ୍ୱର ଏଥି ପୂର୍ବରୁ ଅବଶ୍ୟ ଶୁଭୁଥିଲା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ । ୧୮୭୦ ମସିହାରେ ଉତ୍କଳ ଦୀପିକା ଏବଂ ୧୮୭୧ ମସିହାରେ ଗଞ୍ଜାମ ଉତ୍କଳ ସଭା ଏ ଦିଗରେ ପ୍ରାଥମିକ ପ୍ରୟାସ ଆରମ୍ଭ କରିଥିଲେ । ୧୮୭୫ ମସିହାରେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେବ ଓଡ଼ିଆ ଅଚଂଳର ମିଶ୍ରଣ ପାଇଁ ବଙ୍ଗ ସରକାରଙ୍କୁ ଏକ ପ୍ରାର୍ଥନାପତ୍ର ପ୍ରଦାନ କରିଥିଲେ । ୧୯୦୨ ମସିହାରେ ତାଙ୍କ ସୁପୁତ୍ର ରାଜା ବୈକୁଣ୍ଠନାଥ ଦେବ ଓଡ଼ିଆ ଭାଷାଭାଷୀ ଅଚଂଳକୁ ଏକତ୍ର କରିବା ପାଇଁ ଭାରତର ବଡ଼ଲାଟ୍‌ଙ୍କୁ ଏକ ଲକ୍ଷ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରେରଣ କରିଥିଲେ । ସେହି ବର୍ଷ ସମ୍ବଲପୁରକୁ ଓଡ଼ିଶା ଡିଭିଜନ୍ ?ରେ ମିଶାଇବା ନିମନ୍ତେ ବଳଭଦ୍ର ସୁପକାର, ମହନ୍ତ ବିହାରୀ ଦାସ, ଶ୍ରୀପତି ମିଶ୍ର ଓ ଧରଣୀଧର ମିଶ୍ର ପ୍ରମୁଖ ଉଦ୍ୟମ କରିଥିଲେ । ଶ୍ରୀପତି ମିଶ୍ର ଲର୍ଡ କର୍ଜନଙ୍କୁ ସାକ୍ଷାତ କରିବା ପାଇଁ ସିମଳା ମଧ୍ୟ ଯାଇଥିଲେ । ପୁନଶ୍ଚ ୧୯୦୩ ମସିହା ଅପ୍ରେଲ ମାସରେ ଖଲ୍ଲିକୋଟ ରାଜାଙ୍କ ପୃଷ୍ଠପୋଷକତାରେ ଗଠିତ ଗଞ୍ଜାମ ଜାତୀୟ ସମିତି ପକ୍ଷରୁ ଓଡ଼ିଆ ଅଚଂଳ ସମୂହର ମିଶ୍ରଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସେହି ମାସ କଟକରେ ମଧୁବାବୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ଉତ୍କଳ ସଭା'ରେ ଓଡ଼ିଆ ଭାଷାଭାଷୀମାନଙ୍କ ପାଇଁ ଗୋଟିଏ ଶାସନ ବ୍ୟବସ୍ଥା ପ୍ରଚଳନ ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିଲା । ମଧୁସୂଦନ ଉପଲବ୍ଧି କଲେ ଯେ ଏହିସବୁ ସ୍ୱର ଏତେ କ୍ଷୀଣ ଯେ ତାହା ଓଡ଼ିଶା ବାହାରେ କାହା କାନରେ ବାଜୁନାହିଁ । ଓଡ଼ିଶାର ସମସ୍ୟା ବିଷୟରେ କଂଗ୍ରେସ ମଚଂରେ ଆଲୋଚନା କରିବା ପାଇଁ ସେ ଆଗ୍ରହ ପ୍ରକାଶ କଲେ । ଜାତୀୟ କଂଗ୍ରେସ ପକ୍ଷରୁ କଲିକତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ଏବଂ ମାନ୍ଦ୍ରାଜରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ ଓଡ଼ିଶା ପ୍ରସଙ୍ଗ ପକାଇବାକୁ ଚାହିଁଥିଲେ ମଧ୍ୟ ସେଥିରେ ସଫଳ ହୋଇପାରି ନଥିଲେ ମଧୁବାବୁ । ନିଜ ମନକଥା ବନ୍ଧୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କୁ ଜଣାଇବା ପାଇଁ ସେ ଇଚ୍ଛାପ୍ରକାଶ କରିଥିଲେ । ମଧୁବାଳା ଶୈଳବାଳା ଲେଖିଛନ୍ତି ଯେ ମଧୁବାବୁ ୧୯୦୨ ମସିହା ଖ୍ରୀଷ୍ଟମାସ ସପ୍ତାହରେ କଲିକତାର ଗ୍ରାଣ୍ଡ୍ ହୋଟେଲରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କୁ ସାକ୍ଷାତ କରି ଅବହେଳିତ ଓଡ଼ିଆ ଅଚଂଳକୁ ଏକତ୍ରିତ କରିବା ପାଇଁ କଂଗ୍ରେସ ଆଗଭର ହେଉ ବୋଲି ପ୍ରସ୍ତାବ ଦେଇଥିଲେ । ଆଚଂଳିକ ପ୍ରସଙ୍ଗ ଜାତୀୟ ମଚଂରେ ଆଲୋଚିତ ହୋଇପାରିବ ନାହିଁ, ଏହା ବାନାର୍ଜୀ କହିବାରୁ ମଧୁବାବୁ ବିକଳ୍ପ ଚିନ୍ତା କଲେ ଏବଂ ସେହି ବିକଳ୍ପ ଚିନ୍ତାର ଫଳଶ୍ରୁତି ହିଁ ଉତ୍କଳ ସମ୍ମିଳନୀ । ତେବେ ଖୁବ୍ ସମ୍ଭବତଃ 'ଉତ୍କଳ ସମ୍ମିଳନୀ' ହିଁ ଭାରତର ପ୍ରଥମ ଆଚଂଳିକ 'ସାମାଜିକ ଓ ରାଜନୈତିକ ସଙ୍ଗଠନ' । କଟକସ୍ଥିତ କନିକା କୋଠିରେ ଏକାଧିକ ବୈଠକ ବସିବା ପରେ ସମ୍ମିଳନୀର ଆଭିମୁଖ୍ୟ, ଅଧିବେଶନ ଓ ଅତିଥି ଚୟନ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ସଭାସମିତି ଆୟୋଜନ କ୍ଷେତ୍ରରେ ବିଶେଷ ଭୂମିକା ନିର୍ବାହ କରିଥିଲେ । ବାମଣ୍ଡାର ସଂସ୍କୃତିପ୍ରେମୀ ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କୁ ସମ୍ମିଳନୀର ସଭାପତି ଭାବରେ ମନୋନୟନ କରାଯାଇଥିଲା । ତାଙ୍କର ଆକସ୍ମିକ ବିୟୋଗ ହେବାରୁ ମଧୁବାବୁଙ୍କ ଅନୁରୋଧ କ୍ରମେ ମୟୂରଭଞ୍ଜର ଉତ୍କଳ-ହିତୈଷୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଭାରେ ପୌରୋହିତ୍ୟ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ତାଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା କଟକ ସ୍ଥିତ ଇଦ୍‌ଗା ମୈଦାନରେ ୧୯୦୩ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖରେ । ସଭାରେ 'ଅମୃତ ବଜାର ପତ୍ରିକା'ର ସମ୍ପାଦକ ବାବୁ ମୋତିଲାଲ ଘୋଷ ଏବଂ ଓଡ଼ିଶା କମିଶନର କେ.ଜି. ଗୁପ୍ତ ଉପସ୍ଥିତ ଥିଲେ । ରଜାପ୍ରଜା, ରୟତ ଜମିଦାର ଏବଂ ଶିଷ୍ଟବିଶିଷ୍ଟମାନଙ୍କର ଏହା ଥିଲା ଏକ ଅପୂର୍ବ ସଙ୍ଗମ । ସେହି ବର୍ଷ ପ୍ରାୟ ଏକା ସମୟରେ କଟକରେ ଉତ୍କଳ ସମ୍ମିଳନୀର ଅଧିବେଶନ ଏବଂ ମାନ୍ଦ୍ରାଜରେ ଜାତୀୟ କଂଗ୍ରେସର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଉତ୍କଳ ସମ୍ମିଳନୀ ଅଧିବେଶନରେ ଆଚଂଳିକ ଆଶା, ଆକାଂକ୍ଷା, ଅସ୍ମିତା ଓ ଅଭୀପ୍ସା ଭିନ୍ନିରେ ବିଭିନ୍ନ ମହାପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଅଚଂଳର ଏକତ୍ରୀକରଣର ସ୍ୱର ଶୁଭୁଥିବାବେଳେ ମାନ୍ଦ୍ରାଜରେ ଲାଲମୋହନ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ମହାପ୍ରଦେଶଗୁଡ଼ିକର ପୁନର୍ବିନ୍ୟାସ ସମ୍ପର୍କିତ ପ୍ରସ୍ତାବକୁ ବିରୋଧ କରାଯାଉଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୨୧ ମସିହା ପର୍ଯ୍ୟନ୍ତ ଓଡ଼ିଶାର ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହୋଇପାରି ନଥିଲା । ମହାତ୍ମା ଗାନ୍ଧୀଙ୍କ ମାର୍ଗଦର୍ଶନରେ ସେହିବର୍ଷ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହୋଇଥିଲା, ଯାହାର ପ୍ରଥମ ସଭାପତି ପଦ ମଣ୍ଡନ କରିଥିଲେ ପଣ୍ଡିତ ଗୋପବନ୍ଧୁ । ସେଥିପାଇଁ ସେ ଲେଖିଥିଲେ, "ଭାରତ ଜାତୀୟ ମହାସମ୍ମିଳନେ, ନ ବସେ ଉତ୍କଳ ସ୍ୱତନ୍ତ୍ର ଆସନେ । ଗାନ୍ଧୀ ଭଗୀରଥ ନିଜ ପୁଣ୍ୟ ବଳେ, ଆଣିଲେ ଅସଙ୍ଗ ଜାହ୍ନବୀ ଉତ୍କଳେ ।"

# ପଳାତକ ଚାଳକ

ଦୁର୍ଘଟଣା ସ୍ଥଳରୁ ପଳାତକ ଗାଡ଼ି ଚାଳକମାନେ ଯଦି ପୀଡ଼ିତଙ୍କ କ୍ଷଣ ଦେଖିପାରନ୍ତେ, ତେବେ ହୁଏତ ସେମାନେ ଦୁର୍ଘଟଣାଗ୍ରସ୍ତମାନଙ୍କ ପ୍ରାଣ ବଚାଂଇବାର ପ୍ରୟାସ ମଧ୍ୟ କରନ୍ତେ । କିନ୍ତୁ ସେଥି ଲାଗି ସେମାନଙ୍କ ମନରୁ ଦୁର୍ଘଟଣା ପରବର୍ତ୍ତୀ ଭିଡ଼ତନ୍ତ୍ରର ଭୟ ଦୂରୀଭୂତ ହେବା ଜରୁରୀ । ଯଦି କୌଣସି ଆଇନ ଏତିକି ସମ୍ଭବ କରିପାରେ ତେବେ 'ହିଟ୍ ଏଣ୍ଡ୍ ରନ୍' ଭଳି ସ୍ଥିତି ହିଁ ଉପୁଜିବ ନାହିଁ । ଗଲା ୨ ତାରିଖରୁ ଦିଲ୍ଲୀ ସମେତ ଅନ୍ୟ କେତେକ ରାଜ୍ୟରେ ଆରମ୍ଭ ହୋଇଥିବା ଟ୍ରକ-ଚାଳକ ଧର୍ମଘଟ ଗଲା ବୁଧବାର ଦିନ ପ୍ରତ୍ୟାହୃତ ହୋଇ ଆଶ୍ୱସ୍ତିର କାରଣ ହୋଇଛି; ନଚେତ୍ ତଦ୍ଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ଉତ୍କଟ ଅଭାବ ଘଟି ଜନସାଧାରଣଙ୍କୁ ଅସହ୍ୟ ଭାବେ ହନ୍ତସନ୍ତ କରି ପକାଇଥାଆନ୍ତା । ପ୍ରକାଶ ଥାଉ କି 'ହିଟ୍ ? ଏଣ୍ଡ ରନ୍' ବା 'ଗାଡ଼ି ଧକ୍କା ଲଗାଇ ପଳାୟନ' ଭଳି ଅବାଂଛିତ ଘଟଣାଗୁଡ଼ିକୁ ରୋକିବା ଲାଗି ନୂତନ ଭାବେ ପ୍ରଣୀତ 'ଭାରତୀୟ ନ୍ୟାୟ ସଂହିତା-୨'ରେ କଠୋର ଦଣ୍ଡର ପ୍ରାବଧାନ ବିରୋଧରେ ଟ୍ରକ୍ ଚାଳକମାନେ ତୀବ୍ର ପ୍ରତିବାଦର ସ୍ୱର ଉଠାଇଥିଲେ । ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୌଣସି ସଡ଼କ ଦୁର୍ଘଟଣା ପରେ ତହିଁରେ ସଂପୃକ୍ତ ଅଥଚ ଅକ୍ଷତ ଗାଡ଼ି ଚାଳକଜଣକ ଯଦି ସେଠାରୁ ପଳାୟନ ନ କରି ଗୁରୁତର ଆହତମାନଙ୍କୁ ତତ୍ ?କ୍ଷଣାତ୍ ? ଡାକ୍ତରଖାନା ନେବା ବା କେ ?ଣସି ଚିକିତ୍ସା ସେବା ଯୋଗାଇବା ଦିଗରେ ପ୍ରୟତ୍ନ କରନ୍ତେ, ତେବେ ଅନେକ ମୂଲ୍ୟବାନ ଜୀବନ ବଚିଂ ଯାଇପାରନ୍ତା । ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଥାଏ ଯେ ଏଭଳି ଏକ ମହତ୍ ? ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଲାଗି ସୃଷ୍ଟ ଦଣ୍ଡବିଧି ଆଇନ ଏଭଳି ବିରୋଧର ସମ୍ମୁଖୀନ ହେଲା କାହିଁକି ? ଅବଶ୍ୟ, ଏହି ପ୍ରଶ୍ନର ଉତ୍ତର ଧର୍ମଘଟକାରୀ ଟ୍ରକ୍ ଚାଳକମାନଙ୍କ ପକ୍ଷରୁ ଦିଆ ସରିଛି, ତଥାପି ଏ ସଂଦର୍ଭରେ ଏକ କ୍ଷୁଦ୍ର ସଂପ୍ରସାରିତ ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପ୍ରକାଶ ଥାଉ କି ପୁରୁଣା ଦଣ୍ଡବିଧି ଆଇନ ଅନୁସାରେ 'ହିଟ୍ ଏଣ୍ଡ ରନ୍' ଭଳି ଘଟଣା ଲାଗି କେ ?ଣସି ସ୍ୱତନ୍ତ୍ର ପ୍ରାବଧାନ ନାହିଁ; ଆଇ.ପି.ସି. ଧାରା ୩୦୪-ଏ ଅନୁସାରେ କେ ?ଣସି ବେପରୁଆ କାର୍ଯ୍ୟ ହେତୁ ସୃଷ୍ଟ ଦୁର୍ଘଟଣାରେ ପ୍ରାଣହାନି ଘଟିଲେ ଦୁଇ ବର୍ଷର କାରାବାସର ବ୍ୟବସ୍ଥା ଏବଂ ଆଇ.ପି.ସି.ର ଧାରା ୨୭୯ ଅନୁସାରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକଙ୍କ ଲାଗି ସର୍ବାଧିକ ଛଅ ମାସର କାରାଦଣ୍ଡର ପ୍ରାବଧାନ ବ୍ୟତୀତ ଏଭଳି କ୍ଷେତ୍ରରେ ଅନ୍ୟ କେ ?ଣସି ଅଙ୍କୁଶ ନାହିଁ । ସୁତରାଂ, ଆଇନ ପ୍ରଣେତାମାନଙ୍କ ମଧ୍ୟରେ ଧାରଣା ଜନ୍ମିଥିବ ଯେ 'ହିଟ୍ ଏଣ୍ଡ ରନ୍' ସଂଦର୍ଭରେ ଏହି ଦଣ୍ଡକୁ ଅତି କଠୋର ଅର୍ଥାତ୍ ୧୦ ବର୍ଷର କାରାବାସ ଏବଂ ୭ ଲକ୍ଷ ଟଙ୍କାକୁ ପରିବର୍ତ୍ତିତ କରିଦେଲେ ଦୁର୍ଘଟଣା ସଂଖ୍ୟାରେ ହ୍ରାସ ଘଟିବା ସହିତ ଗାଡ଼ି ଚାଳକମାନେ ଘଟଣାସ୍ଥଳରୁ ପଳାୟନ କରିବାକୁ ଭୟ କରିବେ ! କିନ୍ତୁ, ସେମାନେ ଯେଉଁ ସାଧାରଣ ଜ୍ଞାନକୁ ପ୍ରୟୋଗ କରିପାରିଲେ ନାହିଁ, ତାହା ହେଲା ଦୁର୍ଘଟଣା ଘଟାଇ ପଳାୟନ କରିବା ପଛରେ ନିହିତ ଏକମାତ୍ର କାରଣ ହେଉଛି ଉତ୍ ?କ୍ଷିପ୍ତ ଭିଡ଼ ହାତରୁ ନିଜର ପ୍ରାଣ ବଚାଂଇବା, ଯେଉଁ ଉଦ୍ୟମକୁ କେ ?ଣସି କଠୋରତମ ଦଣ୍ଡ ମଧ୍ୟ ପ୍ରତିହତ କରି ପାରିବ ନାହିଁ । ଆଇନ ପ୍ରଣେତାମାନେ ଆଉ ଯାହା ହୃଦୟଙ୍ଗମ କରି ପାରିନାହାନ୍ତି, ତାହା ହେଲା ୧୦ ବର୍ଷର କାରାବାସ ଏବଂ ୭ ଲକ୍ଷ ଟଙ୍କାର ଜରିମାନା ଯେ କେ ?ଣସି ପେସାଦାର ଟ୍ରକ୍ ବା ବସ୍ ଚାଳକଙ୍କ ପରିବାରକୁ ସଂପୂର୍ଣ୍ଣ ନିଃସ୍ୱ ଓ ବିଧ୍ୱସ୍ତ କରିଦେବ । ସୁତରାଂ, ଏଭଳି ବସ୍ତୁସ୍ଥିତି ପରିପ୍ରେକ୍ଷୀରେ ଟ୍ରକ୍ ଚାଳକମାନଙ୍କ ଦ୍ୱାରା ଧର୍ମଘଟର ସୂତ୍ରପାତରେ ବିସ୍ମୟର ବିଶେଷ କାରଣ ନାହିଁ । ତେବେ, ପ୍ରଶ୍ନ ଉଠିଥାଏ ଯେ ଛୋଟ-ବଡ଼ ଯେ କେ ?ଣସି ଯାନ ଖଣ୍ଡିଏ ଧରି ସଡ଼କରେ ପ୍ରତ୍ୟହ ଆବିର୍ଭୂତ ହେଉଥିବା ପ୍ରତ୍ୟେକ ଭାରତୀୟଙ୍କ ମସ୍ତକ ଉପରେ ଯଦି ଏହି ନୂତନ ଦଣ୍ଡ ଝୁଲି ରହିବ, ତେବେ କେବଳ ଟ୍ରକ୍ ଚାଳକମାନେ ପ୍ରତିବାଦକୁ ଓହ୍ଲାଇଲେ କାହିଁକି ? ଏହାର ଉତ୍ତର ହେଲା, ଯାନବାହନ ନିଘଁ ଭାରତୀୟ ସଡ଼କର ଚରିତ୍ର ହେଲା ଏଠାରେ ଯେ କେ ?ଣସି ଦୁର୍ଘଟଣା ଘଟିଲେ ଦୁର୍ଘଟଣାରେ ଜଡ଼ିତ ଯାନ ଦ୍ୱୟ ମଧ୍ୟରୁ ଅପେକ୍ଷାକୃତ ବଡ଼ ଗାଡ଼ିର ଚାଳକକୁ ହିଁ ଦୋଷୀ ରୂପେ ଧରି ନିଆଯାଏ, ଯେମିତି ବାଇକ୍ ? ଓ କା ?ର ମଧ୍ୟରେ ଧକ୍କା ହେଲେ ଖୁବ୍ ? ସମ୍ଭବ ଯେ କା ?ର ଚାଳକ ହିଁ ଜନରୋଷର ଶିକାର ହେବେ । ସେହି ଧାରା ଅନୁସାରେ ଟ୍ରକ୍ ବା ବସ୍ ଚାଳକମାନେ ଏଭଳି ସ୍ଥଳେ ନିସ୍ତାର ପାଇବାର ସମ୍ଭାବନା ଶୂନ୍ୟପ୍ରାୟ ହୋଇଯାଏ । କେବଳ ସେତିକି ନୁହେଁ, ଶିରା-ପ୍ରଶିରା ତୁଲ୍ୟ ବିଛେଇ ହୋଇ ରହିଥିବା ଭାରତୀୟ ସଡ଼କରେ ମନୁଷ୍ୟ ଏବଂ ଦ୍ରବ୍ୟ ପରିବହନ କରି ଅସୁମାରି ବସ୍ ଏବଂ ଟ୍ରକ୍‌ମାନ ରକ୍ତ କଣିକା ଭଳି ଚଳପ୍ରଚଳ କରିଥାଆନ୍ତି ଏବଂ ସେହି କାରଣରୁ ହିଁ ସର୍ବାଧିକ ସଂଖ୍ୟକ ଦୁର୍ଘଟଣାର ସମ୍ମୁଖୀନ ମଧ୍ୟ ହୁଅନ୍ତି । ଏଭଳି ସ୍ଥଳେ ଏହି ନୂତନ ପ୍ରାବଧାନ ସମସ୍ତଙ୍କ ଲାଗି ସମାନ ହୋଇଥିଲେ ସୁଦ୍ଧା ଭାରୀ ଯାନର ଚାଳକମାନେ ଏହା ଦ୍ୱାରା ଅଧିକ ବିଚଳିତ ହୋଇପଡ଼ିବା ଅତ୍ୟନ୍ତ ସ୍ୱାଭାବିକ । ଏହି ପରିପ୍ରେକ୍ଷୀରେ ଟ୍ରକ୍ ? ଚାଳକ ସଂଘର ଅଭିଯୋଗ ଯେ ଏହି ନୂତନ ଆଇନ ସେମାନଙ୍କ ଜୀବନ-ଜୀବିକା ଉପରେ ସିଧାସଳଖ ଓ ଅତ୍ୟନ୍ତ ଗଭୀର ପ୍ରଭାବ ପକାଇବାର ଆଶଙ୍କା ରଖିଥିବା ସତ୍ତ୍ୱେ ଆଇନ ଚୂଡ଼ାନ୍ତ ହେବା ପୂର୍ବରୁ ସେମାନଙ୍କ ସହିତ କେ ?ଣସି ଆଲୋଚନା କରାଯାଇନାହିଁ । ଅବଶ୍ୟ, ଏହା ଏକ ବାସ୍ତବତା ଯେ ବିଭିନ୍ନ ନୂତନ ଓ ସଂସ୍କାରମୂଳକ ରୂପେ ପରିଭାଷିତ କେତେକ ଆଇନର ପ୍ରଣୟନ କାଳରେ କେନ୍ଦ୍ର ସରକାର ଏକ ଆକ୍ରମଣାତ୍ମକ ମୁଦ୍ରାରେ ରହନ୍ତି ଏବଂ ସେ ସଂଦର୍ଭରେ ସଂସଦ ଭିତରେ ବା ବାହାରେ କେ ?ଣସି ବିସ୍ତୃତ ଆଲୋଚନା ସକାଶେ ପ୍ରସ୍ତୁତ ନ ଥାଆନ୍ତି । ତେଣୁ, 'ନାଗରିକତା ସଂଶୋଧନ ଆଇନ', 'କୃଷି ଆଇନ' ଏବଂ ବର୍ତ୍ତମାନ ଏହି 'ହିଟ୍ ? ଏଣ୍ଡ ରନ୍ ?' ଆଇନ ସଂସଦରେ ଗୃହୀତ ହୋଇ ସାରିଥିଲେ ସୁଦ୍ଧା କାର୍ଯ୍ୟକାରୀ ହେବା ବେଳେ ତୀବ୍ର ବିରୋଧର ସାମନା କରିଛନ୍ତି ଏବଂ ସରକାରଙ୍କୁ ଅଗତ୍ୟା ପଛଘୁଁ ମଧ୍ୟ ଦେବାକୁ ପଡ଼ିଛି । ପ୍ରକାଶ ଥାଉ କି ଏହି ଆଇନ ସମ୍ବନ୍ଧରେ ସଂସଦରେ ଆଲୋଚନା କାଳରେ ବିରୋଧୀ ଦଳରୁ ୯୭ ଜଣ ସଦସ୍ୟ ନିଲମ୍ବିତ ହୋଇଥିବା କାରଣରୁ ସଂସଦ ବାହାରେ ଥିଲେ । ସୁତରାଂ, କୁହାଯାଇପାରେ ଯେ ହୁଏ'ତ ଅଧିକ ବିବିଧ ଏବଂ ବିସ୍ତୃତ ଆଲୋଚନା ଏଭଳି ଆଇନଗୁଡ଼ିକୁ ଅଯଥା ଅଧିକ ଆଦର୍ଶପନ୍ଥୀ ନ କରି ଭାରତର ବସ୍ତୁସ୍ଥିତି ଅନୁସାରେ ଅଧିକ ବ୍ୟାବହାରିକ କରନ୍ତା । ବେପରୁଆ ଗାଡ଼ି ଚାଳନା ଛଡ଼ା ଭାରତରେ ଘଟୁଥିବା ସଡ଼କ ଦୁର୍ଘଟଣା ଲାଗି ଅନେକ କାରଣ ବିଦ୍ୟମାନ, ଯେମିତି କି ଖରାପ ସଡ଼କ, ସଡ଼କ ଉପରେ ଜୀବଜନ୍ତୁଙ୍କ ଅବାଧ ରାଜୁତି, ଟ୍ରକ୍ ବା ବସ୍ ଡ୍ରାଇଭରମାନଙ୍କ ଦ୍ୱାରା ଏକାଦିକ୍ରମେ ଦୀର୍ଘ ସମୟ ଧରି ଗାଡ଼ି ଚାଳନା, ନିଶାଗ୍ରସ୍ତ ଚାଳକଙ୍କ ପ୍ରାବଲ୍ୟ ଇତ୍ୟାଦି । ତେଣୁ 'ହିଟ୍ ? ଏଣ୍ଡ ରନ୍ ?' ନେଇ କୌଣସି ପ୍ରାବଧାନ କଥା ଚିନ୍ତା କଲା ବେଳେ ଏହି ସବୁ କାରଣକୁ ଦୂର କରିବାର ଯତ୍ପରୋନାସ୍ତି ଉଦ୍ୟମ କରାଯିବା ଆବଶ୍ୟକ, ଯାହା ପ୍ରକାରାନ୍ତରେ ଦୁର୍ଘଟଣା ସଂଖ୍ୟା ହ୍ରାସ ଦିଗରେ କାର୍ଯ୍ୟ କରିବ । ପ୍ରକାଶ ଥାଉ କି ୨୦୦୨ ମସିହାରେ ଘଟିଥିବା ଭାରତର ସର୍ବାଧିକ ଆଲୋଚିତ 'ହିଟ୍ ଏଣ୍ଡ ରନ୍' ଘଟଣାରେ ଚଳଚ୍ଚିତ୍ର ତାରକା ସଲମାନ ଖାଁ ଅତ୍ୟନ୍ତ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କ ଲ୍ୟାଣ୍ଡ୍ ? କ୍ରୁଜ ?ଟିକୁ ଅନିୟନ୍ତ୍ରଣକ୍ଷମ ବେଗରେ ଚଳାଉଥିବା ନେଇ ପ୍ରତ୍ୟକ୍ଷଦର୍ଶୀ ପ୍ରମାଣ ଥିଲେ ମଧ୍ୟ ମୁମ୍ବାଇ ଉଚ୍ଚ ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେବାକୁ ବାଧ୍ୟ ହୋଇଥିଲେ ।

# କାଲି ପାଇଁ କଥାଟିଏ : ସବୁ ଭାସିଯିବା ପରେ

ସାରା ଭାରତବର୍ଷରେ ଜଙ୍ଗଲ ବିଭାଗର କଲେଜ ମାତ୍ର ଆଠଟି । ସେଥିମଧ୍ୟରୁ ଗୋଟିଏ ଆମ ଓଡ଼ିଶାର ଅନୁଗୁଳରେ । ବହୁ ପୁରୁଣା ଏଇ ଅନୁଷ୍ଠାନ, ଚାଲି ଆସୁଛି ୧୯୭୯ ମସିହାରୁ । ସାରା ଓଡ଼ିଶାରେ ଜଙ୍ଗଲ ସଂପଦର ଦାୟିତ୍ୱରେ ଅଛନ୍ତି ୩୫୦ ଜଣ ରେଞ୍ଜର । ଏଇମାନେ ହିଁ ଜଙ୍ଗଲ ପ୍ରହରୀ । ଆଜି ଓଡ଼ିଶାର ଜଙ୍ଗଲ ସଂରକ୍ଷଣ ଦେଶ ପାଇଁ ଗୋଟିଏ ଫେରାଲ୍ ମଡେଲ ବୋଲି କୁହା ହେଉଛି । ଏହାର ମୂଳଦୁଆ ହେଲେ ରେଞ୍ଜ ଅଫିସରମାନେ, ଯେଉଁମାନଙ୍କର ବର୍ଷକର ପ୍ରଶିକ୍ଷଣ ହୁଏ ଅନୁଗୁଳରେ । ଅଳ୍ପ କିଛି ଦିନ ତଳେ ସେଠାକାର କେତେଜଣ ଯୁବ ଅଫିସରମାନଙ୍କ ସାଙ୍ଗରେ କଥା ହେଲା ବେଳେ, ତାଙ୍କରି ଭିତରୁ ଜଣେ, ମୋନାଲିସା ମହାପାତ୍ର, ମତେ ପଚାରିଲେ ଗୋଟିଏ କଥା । ''କୁହନ୍ତୁ ତ, କାଲି ସକାଳୁ ଯଦି ହଠାତ୍ ଦେଖିବେ, ଆପଣଙ୍କର ସବୁ କ୍ଷମତା, ସୁନାମ, ଧନ, ଜନ କେ ?ଣସି କାରଣରୁ ମାଟିରେ ମିଶି ଯାଇଛି ତା' ପରଦିନ ଆପଣ କ'ଣ କରିବେ ?'' ପ୍ରଶ୍ନଟି ମତେ ଆଚମ୍ବିତ କରିଥିଲା । ଅଳ୍ପ ବୟସର, ଆଦର୍ଶବାଦରେ ଭରା, ଯୁବ ଅଫିସର । ଜୀବନ ଆରମ୍ଭ କରିଛନ୍ତି; ଆଗକୁ ସୁଦୂର ରାସ୍ତା ବ୍ୟାପିଛି । କିନ୍ତୁ କେତେ ? ଗଭୀର ଦାର୍ଶନିକ ମନ । ପଚାରୁଛନ୍ତି, ସବୁ ମାଟିରେ ମିଶିଗଲେ ମଣିଷ କରେ କ'ଣ ? ଅନୁଗୁଳରୁ ଭୁବନେଶ୍ୱର ତିନି ଘଟାଂ ବାଟ । ଫେରିଲା ବେଳେ ସନ୍ଧ୍ୟା । ଗାଡ଼ିର ଆଲୁଅ ଆଉ ମଝିରେ ମଝିରେ ହଠାତ୍ ମୁଣ୍ଡ ଟେକି ଆସୁଛି ଗାଁ କେତୋଟି । ସେଇ ଫେରିବା ଭିତରେ ମୋର ମନକୁ ବାରମ୍ବାର ଆସୁଥିଲା ‌େ ?ମାନାଲିସାଙ୍କ ପ୍ରଶ୍ନ । ସବୁ କିଛି ହଜିଗଲେ ମଣିଷ କ'ଣ କରେ ? ମୋର ମନ ଚାଲିଗଲା ମଙ୍ଗଳା ସାଙ୍ଗରେ ପ୍ରଥମ ପରିଚୟର ଦିନଟିକୁ । ମଙ୍ଗଳା ଆମ ଘରକୁ ଆସିଥିଲା ଓଳା ପୋଛା କରିବାର କାମ ନେଇ । ବୟସ ଜାଣି ହେବନି, ତଥାପି ପଇଁତିରିଶ ହେବ ବା ଚାଳିଶ । ଛୋଟିଆ ମା'ଟିଏ, କିନ୍ତୁ ତା'ର ଦେହରେ ଜଣେ ପୁରୁଷ ମଣିଷର ଶକ୍ତି । କୌଣସି କାମରେ, ଅଧିକା କାମରେ ଆପତ୍ତି ନାହିଁ । ମୋତେ ଲାଗେ ପିଲାଦିନେ ଦେଖିଥିବା ମେଲ୍ ? ଟ୍ରେନ, ?ରେଳ ଗାଡ଼ିଟିଏ ଯେମିତି । ଆଖି ପିଛୁଳାକେ ଆସେ, ସବୁ କିଛିକୁ ଟାଣି ନେଇ ଅନ୍ଧାର ଚିରି ନିଜ ଶକ୍ତିର ପରିଚୟ ଦେଇ ଉଭାନ ହୋଇଯାଏ । ସତେ କି ଝଡ଼ଟିଏ । ଖାଲି ତଫାତ୍ ଏତିକି, ମଙ୍ଗଳା ଝଡ଼ ତୋଫାନ ଭଳି ଆସେ; କିନ୍ତୁ ସବୁ ସୁନ୍ଦର, ସଜଡ଼ା କରି ଚାଲିଯାଏ । ବହୁତ ବଡ଼ ପାଟିଆ । ତା' କାମରେ ଯଦି କିଏ ବାଧା ଦିଏ, କେହି ଯଦି କେ ?ଣସି ଅସୁବିଧା ସୃଷ୍ଟି କରେ, ମୁଣ୍ଡରୁ ଗୋଡ଼ ମଙ୍ଗଳା ତା'କୁ ପଖାଳି ଦିଏ । ଘରେ କାମ କରୁଥିବା ଅନ୍ୟମାନେ ତା'କୁ ଦେଖିଲେ ତରବର ହୋଇ ନିଜ କାମରେ ଲାଗି ଯାଆନ୍ତି । ମଙ୍ଗଳା ଝଡ଼ ପରି ଆସେ । ଝଡ଼ ପରି ଯାଏ । ଏକ ରବିବାର ସକାଳର କଥା । ଖବରକାଗଜ ପଢୁଛି । ମଙ୍ଗଳା ଆସି ପାଖରେ ଠିଆ ହେଲା । ମୁଁ ମଙ୍ଗଳାକୁ ବସିବାକୁ କହିଲି । କିନ୍ତୁ ମଙ୍ଗଳା ବସିବ ନାହିଁ । ତା'କୁ ବସିବାର ମଧ୍ୟ ମୁଁ କେବେ ଦେଖି ନାହିଁ । ମୁଁ ତା'କୁ ପଚାରିଲି, ସେ ଆସିଲା କେଉଁଠୁ ? ଗଞ୍ଜାମ ଆଉ ଆନ୍ଧ୍ରପ୍ରଦେଶକୁ ଲାଗି, ନିଦୁଆ ପାସେଞ୍ଜର ?ହଲ୍ ?ଟ ରେଳ ଷ୍ଟେସନଟିଏ । ତା'ଠୁ ତିନି ଚାରି ଘଟାଂ ବସ୍ ?ରେ । ତା'ପରେ ବିଲବଣ ଡେଇଁ, ଯେଉଁଠି ମଣିଷମାନେ କେବଳ ଚାଲି କରି ପହଁଚନ୍ତି । ସେଇପରି ଗୋଟିଏ ଗାଁରେ ଧୋବା ପରିବାରରେ ତା'ର ଜନ୍ମ । ମଙ୍ଗଳବାର ଦିନ ଜନ୍ମ ହେତୁ, ନାଁ ମଙ୍ଗଳା । ବାପାମା'ଙ୍କର କୁଡ଼ିଆ ଘର । ଜମିବାଡ଼ି ନାହିଁ । ମୂଲ ମଜୁରିରେ ଚଳନ୍ତି । ସାତ ଭାଇଭଉଣୀ, କେଉଁଠି ଗୋଟେ ମଝାମଝିର ଝିଅ ମଙ୍ଗଳା । ଝିଅକୁ ତେର ବର୍ଷ ନ ହେଉଣୁ ବାପାମା' ତାକୁ ବାହା କରେଇ ଦେଲେ । ବର ପିଲାଟି ପାଖ ଗାଁର, କୋଉ ଗୋଟିଏ ବିଦେଶ ଭୂଇଁରେ କାମ କରେ । ମାଟି କାମ । ଦେହରେ ଅରଣା ମଇଁଷିର ବଳ । ବର୍ଷ, ଦୁଇ ବର୍ଷରେ ଥରେ ଗାଁକୁ ଆସେ । କିଛି ଦିନ ରହି ପୁଣି ଫେରିଯାଏ ନିଜ କାମ ଜାଗାକୁ । କେଉଁଠୁ କିଏ ସମ୍ବନ୍ଧ ଆଣିଥିଲା ମଙ୍ଗଳା କିଛି ଜାଣିବା ଆଗରୁ, କିଛି ବୁଝିବା ଆଗରୁ ବାହାଘର ହେଇଗଲା । ଗାଁ ତୁଠରେ ତା' ଆଗଦିନ ମଙ୍ଗଳାର ସାଥୀ ଝିଅମାନେ ଥଟ୍ଟା କରିଥିଲେ । ଈର୍ଷା କରିଥିଲେ । ଶୁଭ ବି ମନାସିଥିଲେ । କୋଉ ପରୀ ରାଇଜର ରାଜକୁମାର ଆସିଛି । ଉଡ଼େଇ ନେଇ ଉଭାନ ହୋଇଯିବ । ମଙ୍ଗଳା ଭାରି ଖୁସି । ମା' ପରି ସିନ୍ଦୁର ପିନ୍ଧିବ, ଅଳତା ଲଗାଇବ । ତା'ର ସ୍ୱାମୀଟିଏ ରହିବ । ସେ ନିଜ ଘର କରିବ । ଦୁଇଟା ପୁତୁଳି ?ବାପାବୋଉ ଧରେଇ ଦେଇଥିଲେ । ତା'କୁ ନେଇ ସଂସାର କରିବ ତେର ବର୍ଷର ଝିଅଟିଏ । ସ୍ୱାମୀ ସାଙ୍ଗରେ ‌େ ?ଯତେବେଳେ ଆଲୁଅ, ପାଣି ନ ଥିବା କୁଡ଼ିଆ ଘରେ ମଙ୍ଗଳା ପହଚିଂଲା ତା'ର ମନରେ ଦୁଃଖ ନ ଥିଲା । ସିଏ ପରା ଏବେ ସଂସାର କରିବ ! ଏଇଟା ତା'ର ଘର ହେବ । ଏଇ ମଣିଷଟି ପରା ତା'କୁ ଭଲ ପାଇବାରେ ବୁଡ଼େଇ ରଖିବ । ତା'କୁ ରାଣୀ କରି ରଖିବ । ନାଗାଲାଣ୍ଡ ପହଚିଂ ମଙ୍ଗଳା ଜାଣିଲା, ସେମିତି କିଛି ହେବାର ନୁହେଁ, ମଣିଷଟି ମଣିଷ ନୁହେଁ । ମଣିଷ ଦେହରେ ଗୋଟିଏ ଦୁର୍ଦ୍ଦାନ୍ତ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

**Mobile :** 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

**CITY OFFICE: B/204, SECTOR-16, ROURKELA, Pin :769003**







# ହୀରାକୁଦ ଝାଡ଼ାବାନ୍ତି : ୩ ଛୁଇଁଲା ମୃତ୍ୟୁ ସଂଖ୍ୟା



ହୀରାକୁଦ,୨୯/୩ (ନି/ପ୍ର): ହୀରାକୁଦରେ ଝାଡ଼ାବାନ୍ତିରେ ପୁଣି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଝାଡ଼ାବାନ୍ତି ପ୍ରଥମେ କାଲୁପଡ଼ା ନିବାସୀ ଟିକେଶ୍ୱର ନାୟକଙ୍କ ଜୀବନ ନେଇଥିଲା। ଏହା ପରେ ଆଉ ଜଣେ ଆକ୍ରାନ୍ତ ଭେଜରାପାଲିର ଯୁଧିଷ୍ଠିର ଧରୁଆ ପ୍ରାଣ ହରାଇଥିଲେ। ଆଜି ପୁଣି ସହରର ନୂଆବଜାର ମେହେନ୍ତରପଡ଼ା ଅଂଚଳର ଯମୁନା ବେହେରା(୬୦)ଙ୍କ ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦରେ ଗତ ୧୭ ତାରିଖରେ ପ୍ରଥମେ ଝାଡ଼ାବାନ୍ତି ବ୍ୟାପିବା ଆରମ୍ଭ ହୋଇଥିଲା। ପ୍ରଥମ ଦିନ ୩ ଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରନ୍ତ ହୋଇ ହୀରାକୁଦ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ପରେ କିନ୍ତୁ ଏହା ବଢ଼ିବାରେ ଲାଗିଥିଲା। ହୀରାକୁଦ ଡାକ୍ତରଖାନାରେ ୱାର୍ଡ଼ରେ ରୋଗି ସଂଖ୍ୟା ବୃଦ୍ଧି ହେବା ପରେ ବାରଣ୍ଡାରେ ଶଯ୍ୟା ପକାଇ ଚିକିତ୍ସା କରାଯାଉଥିଲା। ଦୂଷିତ ପାଇପ୍ ପାଣି ପିଇବା ଯୋଗୁ ସହରରେ ଝାଡ଼ାବାନ୍ତି ବ୍ୟାପିଥିବା କହାଯାଉଛି। ପୂର୍ବାପେକ୍ଷା ଆକ୍ରାନ୍ତ ହାର ହ୍ରାସ ପାଇଥିଲେ ବି ଆଜି ୩ ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏପଟେ ଆଶା କର୍ମୀ, ଡାକ୍ତରଖାନା କର୍ମଚାରୀ ଘରକୁ ଘର ଯାଇ ଔଷଧ ବିତରଣ କରୁଛନ୍ତି। ପ୍ରଶାସନ ଡାକବାଜି ଯନ୍ତ୍ରରେ ସହରରେ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ମୋବାଇଲ ଭ୍ୟାନ୍ ଯୋଗେ ଡାକ୍ତରୀ ଦଳ ଘରକୁ ଘର ଯାଇ ଚିକିତ୍ସା ମଧ୍ୟ କରୁଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସହରର ସମସ୍ତ ଅଂଚଳ ବୁଲି ପାଣି ପାଇପ୍ ଯାଂଚ କରୁଥିବା ଦେଖିବାକୁ ମିଳିଛି। ନାଳି ଭିତରେ ଯାଇଥିବା ପାଇପ୍ ଗୁଡିକୁ ବାହାର କରାଯାଉଛି।

# କନ୍ଧମାଳ ଲୋକସଭା ଆସନରୁ ପୁଣି ଅଚ୍ୟୁତ: ଘୁ.ଉଦୟଗିରିରୁ ସାଲୁଗା



ଫୁଲବାଣୀ,୨୯/୩(ନି/ପ୍ର): ଆଜି ସନ୍ଧ୍ୟାରେ ଆଉ ୬ ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ଏଥିରେ ଅଚ୍ୟୁତ ସାମନ୍ତଙ୍କୁ ପୁନର୍ବାର କନ୍ଧମାଳ ଲୋକସଭା ଆସନରୁ ପ୍ରାର୍ଥୀ କରାଯାଇଛି। ଅନ୍ୟପକ୍ଷରେ, ବିଧାନସଭା ପାଇଁ ବିଜେଡିର ପ୍ରଥମ ପର୍ଯ୍ୟାୟ ତାଲିକାରେ କେବଳ ଘୁ.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ତଥା ଉପବାଚସ୍ପତି ସାଲୁଗା ପ୍ରଧାନଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଛି। ଫୁଲବାଣୀ ଓ ବାଲିଗୁଡ଼ାରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ଉଭୟ ଆସନରେ ବିଜେଡିରୁ କିଏ, ଏନେଇ ଉତ୍କଣ୍ଠା ଲାଗି ରହିଛି। ତେବେ ଫୁଲବାଣୀରୁ ବିଜେଡି ବର୍ତ୍ତମାନର ବିଧାୟକ ଅଙ୍ଗଦ କହଁରଙ୍କୁ ପୁଣିଥରେ ସୁଯୋଗ ଦେବ, ନା’ ନୂଆ ଚେହେରା ଉପରେ ଭରସା କରିବ ଏହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଦଳୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ଫୁଲବାଣୀ ବିଧାନସଭା ଆସନରୁ ଲଢ଼ିବା ପାଇଁ ମୋଟ ୧୨ ଜଣ ପ୍ରାର୍ଥୀ ଦରଖାସ୍ତ କରିଛନ୍ତି। ତେବେ ନିକଟରେ ଓଡ଼ିଶା ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଭାବେ ଅବସର ଗ୍ରହଣ କରିଥିବା ରବୀନ୍ଦ୍ରନାଥ କହଁରଙ୍କ ନାମ ଏହି ଦୌଡ଼ରେ ଆଗରେ ରହିଛି। ଫଳରେ ଦଳ ତାଙ୍କୁ ନୂଆ ପ୍ରାର୍ଥୀ କରିବାକୁ ଲକ୍ଷ୍ୟ ରଖିଥିବା ଆଲୋଚନା ଜୋର୍ ଧରିଛି। ଅନ୍ୟପକ୍ଷରେ ବିଧାୟକ ଶ୍ରୀ କହଁର ପୁଣିଥରେ ବିଧାୟକ ଭାବେ ଲଢ଼ିବାକୁ ଆଗ୍ରହୀ ଅଛନ୍ତି। ସେହିପରି ଅନ୍ୟତମ ଆଶାୟୀ ଭାବେ ଫିରିଙ୍ଗିଆ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଲାଲନନ୍ଦା କହଁରଙ୍କ ଓ ପୂର୍ବତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ଜିଲ୍ଲା ପରିଷଦ ସଦସ୍ୟ ଜୟଶ୍ରୀ କହଁର ଉଭା ହୋଇଛନ୍ତି। ଜୟଶ୍ରୀ ହେଉଛନ୍ତି ବୀରମହାରାଜପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଜଣେ ଦୃଢ଼ ସମର୍ଥକ। ସେହିଭଳି ସାଂସଦ ଅଚ୍ୟୁତ ସାମନ୍ତଙ୍କ ଦୃଢ଼ ସମର୍ଥକ କୁହାଯାଉଥିବା କ୍ରାଣ୍ଡିବାଲିର ପୂର୍ବତନ ସରପଂଚ ବିଷ୍ଣୁ ମଲ୍ଲିକ ମଧ୍ୟ ଏହି ଆସନରୁ ଲଢ଼ିବା ପାଇଁ ଆଶାୟୀ ରହିଛନ୍ତି। ତେବେ କାହା ଉପରେ ହାଇକମାଣ୍ଡଙ୍କ କୃପାଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକି ରହିଲା।

# କଳାହାଣ୍ଡି ଲୋକସଭା : ଯାଦବ କାର୍ଡ ଖେଳିଲା ବିଜେଡି




ଭବାନୀପାଟଣା,୨୯/୩ (ନି/ପ୍ର): କଳାହାଣ୍ଡି ଲୋକସଭା ଆସନ ପାଇଁ ବିଜେଡି ଲମ୍ବୋଦର ନିଆଲଙ୍କୁ ପ୍ରାର୍ଥୀ କରି ଯାଦବ କାର୍ଡ ଖେଳିଛି। ଅନ୍ୟପକ୍ଷରେ, ଭବାନୀପାଟଣା, ଜୁନାଗଡ଼, ଲାଞ୍ଜିଗଡ଼, ଧର୍ମଗଡ଼ ଏବଂ ନୂଆପଡ଼ା ବିଧାନସଭା ନିମନ୍ତେ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଟିକେଟରୁ ବଂଚିତ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ଦଳ ଟିକେଟ ଦେଇଛି। ଗତ ନିର୍ବାଚନରେ ପୁଷ୍ପେନ୍ଦ୍ର ଲୋକସଭା ପ୍ରାର୍ଥୀ ଭାବେ ଲଢ଼ି ପରାଜିତ ହୋଇଥିଲେ। ସେଠାରେ ମୌଷଧି ବାଗ ବିଜୟୀ ହୋଇଥିଲେ। ମାତ୍ର କିଛିଦିନ ତଳେ ନବୀନ ନିବାସରେ କଳାହାଣ୍ଡି ଲୋକସଭା କ୍ଷେତ୍ର ବୈଠକରେ ଶ୍ରୀ ବାଗଙ୍କୁ ଡକା ଯାଇନଥିଲା। ଅପରପକ୍ଷରେ ଖରିଆର ନିର୍ବାଚନମଣ୍ଡଳୀରୁ ୨ ଥର ପରାଜିତ ହୋଇଥିବା ଲମ୍ବୋଦର ନିଆଲଙ୍କୁ ଦଳ ଭରସା କରି ଲୋକସଭା ପାଇଁ ପ୍ରାର୍ଥୀ କରିଛି। ଶ୍ରୀ ନିଆଲ ଉତ୍କଳ ଯାଦବ ମହାସଭାର ମହାସଚିବ ଅଛନ୍ତି ଏବଂ ଏହି ଆସନରେ ୨୫ ପ୍ରତିଶତ ଯାଦବ ଭୋଟ୍ ଉପରେ ବିଜେଡିର ନଜର ରହିଛି। ଜୁନାଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ଦିବ୍ୟଶଙ୍କର ମିଶ୍ର ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବିବାଦୀୟ ହୋଇ ପଡ଼ିଥିଲେ ହେଁ ତାଙ୍କୁ ଦଳ ପୁନର୍ବାର ଟିକେଟ ଦେଇଛି। ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୧୫ରୁ ଅଧିକ ଆଶାୟୀ ଥିବା ବେଳେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ପତ୍ନୀ ଲଳିତା ନାଏକଙ୍କୁ ବିଜେଡି ଟିକେଟ ଦେଇଛି।ସେହିପରି, ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଦୀପ ଦିଶାରୀ ଓ ନୂଆପଡ଼ାରେ ରାଜେନ୍ଦ୍ର ଢୋଲକିଆଙ୍କୁ ଦଳ ପୁଣି ଟିକେଟ୍ ଦେଇଛି। ଖରିଆର ଆସନରେ ସଦ୍ୟ କଂଗ୍ରେସରୁ ଆସି ବିଜେଡିରେ ଯୋଗ ଦେଇଥିବା ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କୁ ଟିକେଟ ଦେବାପାଇଁ ଏକ ପ୍ରକାର ଚୂଡ଼ାନ୍ତ ହୋଇଥିବା ଚର୍ଚ୍ଚା ହେଉଛି। ତାଙ୍କ ବିରୋଧରେ ଗତଥର ନିର୍ବାଚନ ଲଢ଼ିଥିବା ଲମ୍ବୋଦର ନିଆଲଙ୍କୁ ଦଳ ସାଂସଦ ଟିକେଟ ଦେଇ ଅଧିରାଜଙ୍କ ରାସ୍ତା ସଫା କରିସାରିଛି।

# ଜଙ୍ଗଲୀ ହାତୀ ଉପଦ୍ରବ ; ଘର ଭାଙ୍ଗିଲେ,କଦଳୀ ଗଛ ନଷ୍ଟ କଲେ



ଲାଞ୍ଜିଗଡ,୨୯/୩(ନି/ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଂଚଳ ଅଧୀନରେ ଥିବା ଲାଞ୍ଜିଗଡ଼ ସେକ୍ସନ ସ୍ଥିତ କିଡିଙ୍ଗଭଟା ଗାଁରେ ଗତ ସୋମବାର ବିଳମ୍ବିତ ରାତିରେ ୧୦ ଟିକିଆ ଜଙ୍ଗଲୀ ହାତୀପଲ ଆସି ଲକ୍ଷ୍ମୀ ନାଏକର ଘର ଭାଙ୍ଗିବା ସହିତ କଦଳୀ ଗଛ ଗୁଡିକ ନଷ୍ଟ କରି ଦେଇଛନ୍ତି। ସୂଚନା ମୁତାବକ ଏହି ଜଙ୍ଗଲୀ ହାତୀପଲ ବିଶ୍ୱନାଥପୁର ବନାଂଚଳ ଅଧୀନରେ ମାସେ ହେଲା ଆତଙ୍କ ସୃଷ୍ଟି କରିଥିବା ବେଳେ ଗତ ସୋମବାର ରାତିରେ ଲାଞ୍ଜିଗଡ଼ ସେକ୍ସନ ତ୍ରିଲୋଚନପୁର ପଂଚାୟତ କିଡିଙ୍ଗଭଟା ଗାଁରେ ହାତୀ ଉପଦ୍ରୁ ଦେଖିବାକୁ ମିଳିଛି। ଗତ ସୋମବାର ରାତିରେ ୧୦ ଟିକିଆ ହାତୀପଲ ନିକଟସ୍ଥ ନିୟମଗିରି ଜଙ୍ଗଲରୁ ଆସି ପ୍ରଥମେ ଲକ୍ଷ୍ମୀ ନାଏକର ଘର ଭାଙ୍ଗିବା ପରେ ଘର ପାଖରେ ଥିବା କଦଳୀ ବଗିଚା ନଷ୍ଟ କରିଛନ୍ତି। ହାତୀ ଉପଦ୍ରୁ ଖବର ପାଇ ମଙ୍ଗଳବାର ଲାଞ୍ଜିଗଡ ବନ ବିଭାଗ ପକ୍ଷରୁ ଘଟଣା ସ୍ଥଳକୁ ଯାଇ କ୍ଷୟକ୍ଷତିର ଆକଳନ କରିଛନ୍ତି। ଏଣୁ ଏହି ପରିବାର ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଅଂଚଳବାସୀ ଦାବି କରିଛନ୍ତି। ଗତ ୧୩ ତାରିଖ ବୁଧବାର ରାତିରେ ୨୦ ଟିକିଆ ଜଙ୍ଗଲୀ ହାତୀପଲ ଆସି ୭ ଜଣଙ୍କ ଘର ଭାଙ୍ଗିବା ପରେ ଘରେ ଥିବା ଧାନ, ଚାଉଳ,କନ୍ଦୁଲ ଖାଇବା ସହ ଘରେ ଥିବା ଆବାସ ପତ୍ର ନଷ୍ଟ କରି ଦେଇଥିଲେ।

# ଅମୀୟ କୁମାର ମହାନ୍ତିଙ୍କୁ ‘ଏମକେଏସପି ନାଟ୍ୟ ସମ୍ମାନ’ ପ୍ରଦାନ



ଫୁଲବାଣୀ,୨୯/୩(ନି/ପ୍ର): କନ୍ଧମାଳର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ, ଫୁଲବାଣୀ ତରଫରୁ ‘ବିଶ୍ୱ ନାଟ୍ୟ ଦିବସ’ ଅବସରରେ ବିଶିଷ୍ଟ ମଂଚ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଅମୀୟ କୁମାର ମହାନ୍ତିଙ୍କୁ ‘ଏମକେଏସପି ନାଟ୍ୟ ସମ୍ମାନ’ ପ୍ରଦାନ କରାଯାଇଛି। ଶ୍ରୀ ମହାନ୍ତି ନିଜର ବଳିଷ୍ଠ ଅଭିନୟ ଓ ନିର୍ଦ୍ଦେଶନା ପାଇଁ ଯୁବ ପୀଢ଼ିଙ୍କ ମଧ୍ୟରେ ପ୍ରେରଣାର ଉତ୍ସ। ଏଣୁ ବିଶ୍ୱ ନାଟ୍ୟ ଦିବସ ଅବସରରେ ଶ୍ରୀ ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ସେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିବା ସହ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଥାଉକି ଶ୍ରୀ ମହାନ୍ତିଙ୍କ ଅସୁସ୍ଥତା ହେତୁ ଏମକେଏସପିର କର୍ମକର୍ତ୍ତା ଓ ସାମ୍ବାଦିକ ଅଶୋକ ମହାନ୍ତି ତାଙ୍କ ବାସଗୃହକୁ ଯାଇ ଏହି ସମ୍ମାନ ପ୍ରଦାନ କରିଥିଲେ।

# ମୁଖ୍ୟ ରାସ୍ତା ରେ ଦୁର୍ଘଟଣା ରେ ବୃଦ୍ଧାଙ୍କ ମୃତ୍ୟୁ

ନବରଙ୍ଗପୁର,୨୯/୩ (ନି/ପ୍ର):ନବରଙ୍ଗପୁର ଜିଲ୍ଲା ର ଉମରକୋଟ ବ୍ଲକ ରାସ୍ତା ପାର ହେଉଥିବା ସମୟରେ ଏକ ପିକ ଅପ ଗାଡି ଦ୍ୱାରା ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କ ଦୁର୍ଘଟଣା ହେବାରୁ ଘଟଣା ସ୍ଥଳରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା ସୂଚନା ପ୍ରକାରେ :ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ସାନ ଭରଣ୍ଡୀ ଗ୍ରାମର ଗୌରୀ ମାଝୀ (୮୦)ନାମକ ବୃଦ୍ଧା ସକାଳ ପ୍ରାୟ ଘ ୫.୩୦ମିନିଟ ସମୟରେ ରାସ୍ତା ପାର କରୁଥିବା ବେଳେ ଉମରକୋଟ ପଟରୁ ଛତୁ, ଦହି ବୋଝେଇ ଏକ ପିକ ଅପ ନଂ ସୀ ଜି.୦୪. ପି ବି.୨୭୩୦.ଧକ୍କା ଦେଇ ବୃଦ୍ଧାଙ୍କୁ ପ୍ରାୟ ୩୦ମିଟର ଘୋଷାଡ଼ି ନେଇଥିବା ଜଣାପଡିଛି !ଘଟଣା ସ୍ଥଳରେ ହିଁ ବୃଦ୍ଧା ଗୌରୀ ମାଝୀ ଙ୍କ ମୃତ୍ୟୁ ଘଟିଥିଲା।ଗ୍ରାମବାସୀ ମୃତ ଶରୀର କୁ ରାସ୍ତା ଉପରେ ରଖି କ୍ଷତି ପୂରଣ ନିମନ୍ତେ ରାସ୍ତା ରୋକ କରିଥିଲେ।ଯାହାଫଳରେ ଯାତାୟାତ ବନ୍ଦ ରହିଥିଲା !ଖବର ପାଇ ଉମରକୋଟ ଥାନା ଅଧିକାରୀ ଦମ୍ବରୁଧର ପ୍ରଧାନ, ଏସ ଆଇ ଅକ୍ଷୟ ମିଶ୍ର, ଏସ ଆଇ ପ୍ରକାଶ ମିଶ୍ର, ଏସ ଆଇ ପୁର୍ଣିମା ଟେଟେ, ଏ ଏସ ଆଇ ରାମାନନ୍ଦ ପ୍ରଧାନ ଏବଂ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝା ସୁଝା କରିଥିଲେ ସୁଦ୍ଧା ଲୋକେ ଓହରି ନ ଥିଲେ।

# କନ୍ଧମାଳ-ଗଞ୍ଜାମ ସୀମାର କଳିଙ୍ଗାରେ ପୁଲିସର ୨୪ଘଂଟିଆ ନାକା



ଘୁ.ଉଦୟଗିର,୨୯/୩(ନି/ପ୍ର): ଆଗାମୀ ମେ’ ମାସରେ ପୂରା ଦେଶ ସମେତ ଓଡ଼ିଶାର କନ୍ଧମାଳ ସଂସଦୀୟ କ୍ଷେତ୍ର ପାଇଁ ନିର୍ବାଚନ ହେବ। ଏଥି ନିମନ୍ତେ ସମସ୍ତେ ତତ୍ପର। ପ୍ରଶାସନ ଠାରୁ ଆରମ୍ଭ କରି ପୁଲିସ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ନିଜ ନିଜ ଚେଷ୍ଟା ଚଳେଇଛନ୍ତି କିଭଳି ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ ସରିବ। ପୁଲିସ ଅଧିକ ସତର୍କତା ଅବଲମ୍ବନ କରି ବ୍ୟାପକ ବ୍ୟବସ୍ଥା ହାତକୁ ନେଇଛି। ସେଥି ମଧ୍ୟରୁ ୨୪ଘଂଟିଆ ନାକା ଏକ ବ୍ୟବସ୍ଥା।ଗଞ୍ଜାମ-କନ୍ଧମାଳ ସୀମା କଳିଙ୍ଗା ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ସମ୍ମୁଖରେ ସ୍ଥାନୀୟ ପୁଲିସ ପକ୍ଷରୁ ୨୪ଘଂଟିଆ ନାକା ଆରମ୍ଭ ହୋଇଛି। ଜଣେ ପୁଲିସ ଅଫିସରଙ୍କ ସମେତ ଫୋର୍ସ ଉପସ୍ଥିତ ରହି ରାସ୍ତାରେ ଯାତାୟତ କରୁଥିବା ସମସ୍ତ ଦୁଇ ଚକିଆ, ଚାରି ଚକିଆ,







# ବ୍ୟକ୍ତିଗତ ଶତ୍ରୁତା ପାଇଁ ବୋମାମାଡ଼

ସମ୍ବଲପୁର,୨୯/୩ (ନି/ପ୍ର): ପହରିଦିନ ଥିଲା ହୋଲି। ରମଜାନ ମାସ ବି ଚାଲିଛି। ବ୍ୟସ୍ତବହୁଳ ପୀରବାବା ଛକ ଅଂଚଳରେ ବୋମାମାଡ଼କରି ସହରରେ ଆତଙ୍କ ଓ ଶାନ୍ତିଭଂଗ କରିବା ଲାଗି ହୀନଉଦ୍ୟମ ପୁଲିସର ତତ୍ପରତା ଯୋଗୁଁ ପଣ୍ଡ ହୋଇଯାଇଛି । ପାଟଣାଗଡ଼ ପାର୍ସଲ ବୋମା ଘଟଣା ଶେ ?ଳୀରେ ପ୍ରସ୍ତୁତ ପ୍ରେସର ବୋମାମାଡ଼ ହୋଇଥିଲା। ବ୍ୟକ୍ତିଗତ ଶତ୍ରୁତା ଯୋଗୁଁ ପ୍ରତିଶୋଧ ନେବା ପାଇଁ ହୋଇଥିବା ଏହି ‘ପ୍ରେସ୍‌ର ବୋମା’ ମାଡ଼ରେ ୩ ଜଣ ବ୍ୟକ୍ତି ଆହତ ହେବା ସହିତ ଗୋଟିଏ ବୁଲେଟ୍(ଓଡ଼ି୧୫-୬୪୮୬) ବି କ୍ଷତିଗ୍ରସ୍ତ ହୋଇଛି। ତେବେ, ପୁଲିସ ଘଟଣାର ୨୦ ଘଂଟା ଭିତରେ ଏକମାତ୍ର ଅଭିଯୁକ୍ତ ବଡ଼ବଜାର ସୁନାରିପଡ଼ାର ଅଭିଳାଷ ମିଶ୍ର(୧୯)କୁ ଗିରଫ କରିବାରେ ସଫଳ ହୋଇଛି। ମଂଗଳବାର ସନ୍ଧ୍ୟା ୭ଟା ୨୪ରେ ସମ୍ବଲପୁର ସହର ଫ୍ଲାଇଓଭର ଉପରୁ ପୀରବାବା ଛକରେ ଥିବା ସଦର ମସ୍‌ଜିଦ ସମ୍ମୁଖକୁ ବୋମା ଫିଙ୍ଗା ଯାଇଥିଲା। ବୋମାକୁ ଏକ ଡବାରେ ଖଂଜା ଯାଇଥିଲା। ମସ୍‌ଜିଦରୁ ରୋଜା ସାରି ବାହାରିବା ସମୟ ହୋଇଥିବାରୁ ସେଠାରେ ପ୍ରବଳ ଭିଡ଼ ହୋଇଥାଏ। ଗୋଲବଜାରର ମହମ୍ମଦ କାସିମ ଓ ମୋତିଝରଣ ଅଂଚଳର ମହମ୍ମଦ ସାହିଦ ଏହି ଡବାକୁ ଖୋଲିବା ସମୟରେ ଏହା ଫାଟିଥିଲା। ଏଥିରେ ଏସ୍‌ବିପି ମାଫିଆ ଗ୍ୟାଙ୍ଗ ଏବଂ ସୁଶୀଳ ପାଇକା ନାମ ଉଲ୍ଲେଖ ରହିଥିଲା। ବୋମା ଫାଟିବା ଯୋଗୁଁ ମହମ୍ମଦ କାସିମ, ମହମ୍ମଦ ସାହିଦ ଏବଂ ପାଖରେ ଥିବା ଜଣେ ରିକ୍ସାଚାଳକ ସିଓଲ ନାୟକ ଆହତ ହୋଇଥିଲେ। ବୋମା ଫାଟିବା ପରେ ପୀରବାବା ଛକରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶହ ଶହ ଲୋକ ଏକାଠି ହୋଇଯାଇଥିଲେ। ଭାଇଚାରାର ସହର ସମ୍ବଲପୁରରେ ପୁଣି ଶାନ୍ତିଭଂଗ ଉଦ୍ୟମ ହେଉଥିବା ଆଶଙ୍କା କରି ଲୋକେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ ଭାମୁଙ୍କ ସହିତ ବହୁ ସଂଖ୍ୟାରେ ପୁଲିସ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଥିଲେ। ଉତ୍ତେଜନାକୁ ପ୍ରଶମିତ କରିବା ଲାଗି ପୁଲିସକୁ ବହୁ ସମୟ ଲାଗି ଯାଇଥିଲା। ଉତ୍ତେଜନା ନିୟନ୍ତ୍ରଣାଧୀନ ହେବା ପରେ ରାତିଅଧରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆଜି ସନ୍ଧ୍ୟାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ?ରେ ଉତ୍ତରାଂଚଳ ପୁଲିସ ଆଇଜି ହିମାଂଶୁ ଲାଲ କହିଛନ୍ତି, ଅଭିଯୁକ୍ତକୁ ଧରିବା ପାଇଁ ବ୍ୟାପକ ଉଦ୍ୟମ ହୋଇଥିଲା। ସିସିଟିଭି କ୍ୟାମେରା, ସିଡିଆର୍ର ସହିତ ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ କରାଯାଇଥିଲା। ଆଇଟିଆଇ ଦ୍ୱିତୀୟ ବର୍ଷର ଛାତ୍ର ବଡ଼ବଜାର ସୁନାରିପଡ଼ାର ଅଭିଳାଷ ମିଶ୍ର ବ୍ୟକ୍ତିଗତ ଶତ୍ରୁତା ଥିବା ସୁଶୀଳ ପାଇକା ଉପରେ ପ୍ରତିଶୋଧ ନେବା ନିମନ୍ତେ ଏଭଳି କାଣ୍ଡ ଭିଆଇଥିଲା ବୋଲି ସେ କହିଛନ୍ତି। ଏସ୍‌ପି ମୁକେଶ ଭାମୁ କହିଲେ ଯେ, ସୁଶୀଳ ପାଇକା ସାମାଜିକ ଗଣମାଧ୍ୟମ(ଇନ୍‌ଷ୍ଟାଗ୍ରାମ)ରେ ସମ୍ବଲପୁରରେ ସକ୍ରିୟ ଥିବା ‘ଏସ୍‌ବିପି ମାଫିଆ ଗ୍ୟାଙ୍ଗ’ର ସଦସ୍ୟ ଅଟେ। ସୁଶୀଳ ପାଇକା ଏବଂ ଅଭିଯୁକ୍ତ ଅଭିଳାଷ ମିଶ୍ରର ପିତା ଦିଲୀପ ମିଶ୍ରଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ଦିଲୀପଙ୍କୁ ଟଂଟିଚିପି ହତ୍ୟା ଉଦ୍ୟମ କରିଥିଲା ସୁଶୀଳ। ତେଣୁ, ସୁଶୀଳକୁ ଫସାଇବା ପାଇଁ ଅଭିଳାଷ ଯୋଜନା ପ୍ରସ୍ତୁତ କରିଥିଲା। ୟୁଟ୍ୟୁବ୍‌ରୁ ବୋମା ତିଆରି କୌଶଳ ଶିଖିଥିଲା। ଆତଙ୍କ ସୃଷ୍ଟି ନିମନ୍ତେ ଜନଗହଳିପୂର୍ଣ୍ଣ ଜାଗା, ସିସିଟିଭି କ୍ୟାମେରା ନଥିବା ଏବଂ ଫ୍ଲାଇଓଭର ଦେଇ ସହଜରେ ଖସି ପଳାଇବା ବାଟ ଥିବା ଯୋଗୁଁ ସେ ପୀରବାବା ଛକକୁ ବାଛିଥିଲା ବୋଲି ଏସ୍‌ପି ଶ୍ରୀ ଭାମୁ କହିଛନ୍ତି। କିନ୍ତୁ, ବିଭିନ୍ନ ସ୍ଥାନର ସିସିଟିଭି କ୍ୟାମେରା ଫୁଟେଜ୍ ଏବଂ ଅନ୍ୟାନ୍ୟ ସୂତ୍ରରୁ ପ୍ରାପ୍ତ ସୂଚନା ଆଧାରରେ ଅଭିଳାଷକୁ ଧରିବା ସମ୍ଭବ ହୋଇଥିଲା ବୋଲି ଏସ୍‌ପି କହିଛନ୍ତି। ଅଭିଳାଷ ଠାରୁ ଘଟଣାରେ ବ୍ୟବହୃତ ଧଳା ରଂଗର ସାଇକେଲ, ଧଳା ହୁଡି ଟି-ସାର୍ଟ, ମୋବାଇଲ ଫୋନ୍, ସ୍କୁଟି, ବୋମା ତିଆରିରେ ବ୍ୟବହୃତ ବୈଦ୍ୟୁତିକ ସାମଗ୍ରୀ ସହିତ ମୋଟ ୧୬ଟି ସାମଗ୍ରୀ ଜବତ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ତୋଫାନ ବାଗଙ୍କ ସହିତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

